# ଛାତ୍ରୀଙ୍କୁ ଏଚ୍‌ପିଭି ଭାକ୍ସିନ୍ ନେବାକୁ ବାରଣକଲେ ପ୍ରଧାନ ଶିକ୍ଷୟିତ୍ରୀ

ନନ୍ଦପୁର,୩।୪(ତୁଷାରକାନ୍ତ ମହାନ୍ତି)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜରାୟୁ କର୍କଟ ରୋଗ ରୋକିବାକୁ ୯ରୁ ୧୪ ବର୍ଷୀୟ କିଶୋରୀଙ୍କ ପାଇଁ ଏଚ୍‌ପିଭି ଟିକାକରଣ ଅଭିଯାନ ଆରମ୍ଭ ହୋଇଛି। କିନ୍ତୁ କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ କୁଲାବିର ପଞ୍ଚାୟତସ୍ଥିତ ପାଡୁଆ ସରକାରୀ ଉଚ୍ଚ ଓ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀମାନଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଟିକା ନେବାକୁ ବାରଣ କରିଥିବା ଦେଖିବାକୁ ମିଳିଛି। ଏ ନେଇ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଅମିତ୍ କୁମାର ସାହୁ ପତ୍ରସଂଖ୍ୟା ୨୩ଏଫ୍/୨୬/ଇଏସ୍‌ଏସ୍‌ଟି, ଏନ୍‌ଡିପି ପ୍ରକାରେ ବ୍ଲକ୍ ଶିକ୍ଷାଧିକାରୀ ଓ ଜିଲା ସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମ୍‌ଓ)ଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ସୂଚନାନୁଯାୟୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆର୍‌ବିଏସ୍‌କେ ଟିମ୍ ବ୍ଲକ୍ ଅଞ୍ଚଳର ପ୍ରତି ବିଦ୍ୟାଳୟ ବୁଲି ଛାତ୍ରୀ, ଅଭିଭାବକ ଓ ସ୍କୁଲ କର୍ତ୍ତୃପକ୍ଷଙ୍କୁ ସଚେତନକରି ଗାଡ଼ିରେ ନିକଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଏଚ୍‌ପିଭି ଟିକାକରଣ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ଆର୍‌ବିଏସ୍‌କେ ଡାକ୍ତର କ୍ରିଷ୍ଣାମାର୍ଚି କୁଲାର୍ବି ପଞ୍ଚାୟତସ୍ଥିତ ପାଡୁଆ ସରକାରୀ ଉଚ୍ଚ ଓ ମାଧ୍ୟମିକ ବିଦ୍ୟାଳୟକୁ ଯାଇ ଅଧ୍ୟକ୍ଷା, ୱାର୍ଡେନ୍ ଓ ଛାତ୍ରୀଙ୍କୁ ବୁଝାଶୁଝାକରି ୧୫ ଛାତ୍ରୀଙ୍କୁ ଟିକାକରଣ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ନିଜେ ସ୍କୁଲରେ ରହି ଅନ୍ୟ ଛାତ୍ରୀଙ୍କୁ ନେବାକୁ ଗାଡ଼ି ଅପେକ୍ଷାରେ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ଗୌରମଣି ଦାସ ୱାର୍ଡେନଙ୍କୁ ଫୋନ କରି ଟିକାକରଣ କରିବାକୁ ବାରଣକରି ସମସ୍ତ ଛାତ୍ରୀଙ୍କୁ ଫେରାଇ ଆଣିବାକୁ ଓ ଅନ୍ୟ ଛାତ୍ରୀଙ୍କୁ ନ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିଯୋଗୁ ବିନା ଟିକାକରଣରେ ଛାତ୍ରୀମାନେ ଫେରିଯାଇଥିବାରୁ ପ୍ରସ୍ତୁତ ଭାକ୍ସିନ୍ ନଷ୍ଟ ହୋଇଥିଲା। ଘଟଣା ନେଇ ଆର୍‌ବିଏସ୍‌କେ ଓ ପାଡୁଆ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକଙ୍କୁ ଅବଗତ କରିଥିଲେ। ଅଧୀକ୍ଷକ ସାହୁ ପତ୍ର ମାଧ୍ୟମରେ ବ୍ଲକ୍ ଶିକ୍ଷାଧିକାରୀ ଓ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଟିକାକରଣରେ ଅଧ୍ୟକ୍ଷାଙ୍କ ଅସହଯୋଗ ନେଇ ଅବଗତ କରିଥିଲେ। ପ୍ରକାଶ ଯେ, କିଛିଦିନ ତଳେ ସ୍କୁଲ ଅଧ୍ୟକ୍ଷାଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶକରି ବ୍ଲକ୍ ଅଧ୍ୟକ୍ଷା, ଏକାଧିକ ସରପଞ୍ଚ, ଭାଜପା କାର୍ଯ୍ୟକର୍ତ୍ତା, ଅଭିଭାବକ ବଦଳି ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ୨ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ବିଦ୍ୟାଳୟ ଅଧ୍ୟକ୍ଷା ଗୌରମଣି ଦାସଙ୍କୁ ପଚାରିବାରୁ ଛାତ୍ରୀଙ୍କ ଅଭିଭାବକମାନେ ଟିକାକରଣକୁ ନାପସନ୍ଦ କରିବେ ବୋଲି ସେ ବାରଣ କରିଥିବା କହିଛନ୍ତି। ଜିଲାରେ ବହୁଦିନ ହେବ କାର୍ଯ୍ୟ କରିଛି। ଲୋକେ ଯାହା ଅଭିଯୋଗ ଆଣିବେ ଆଣନ୍ତୁ ସେ ବୁଝିବେ ବୋଲି ଉତ୍ତର ରଖିଛନ୍ତି। ଏ ନେଇ ବ୍ଲକ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକଙ୍କୁ ପଚାରିବାରୁ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପୋର୍ଟାଲରେ ପଞ୍ଜୀକୃତ ୨ ଅଭିଯୋଗ ସମେତ ସ୍ୱାସ୍ଥ୍ୟ ବିଭାଗ ପ୍ରଦତ୍ତ ଅଭିଯୋଗର ତଦନ୍ତକରି ରିପୋର୍ଟ ଜିଲା ଶିକ୍ଷାଧିକାରୀ ଓ ରାଜ୍ୟ ଶିକ୍ଷା ନିର୍ଦ୍ଦେଶକଙ୍କ ନିକଟକୁ ଶୁକ୍ରବାର ପଠାଇଥିବା କହିଛନ୍ତି। ନିର୍ଦ୍ଦେଶ ମୁତାବକ ଆଗାମୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଇଓ ପଟ୍ଟନାୟକ ସୂଚନା ଦେଇଛନ୍ତି।


OFFICE OF THE MEDICAL OFFICER IN CHARGE,CHC NANDAPUR
Email id:chcnandapur@gmail.com
Letter No ___/26/Esst.Ndp Dated ___/26

To
The Block Education Officer,
Nandapur block

Sub : Regarding hamper of National Immunization Programme on HPV Vaccine.
Sir,
With reference to the subject cited above I am to inform you that HPV Vaccination Programme of adolescent Girls of Govt. High School ,Padwa under Nandapur block has been scheduled to be held today on 02.04.26 at PHC Padwa. Prior to this necessary information has already been given to the concerned Head Master of the school. And the beneficiary girls also been brought to the PHC Padwa for vaccination through our RBSK vehicle along with the warden of the girls hostel . And the Head Master of the School denied suddenly for vaccination of the girls at vaccination session without any reason & instructed the warden to return all the girls to school hostel for which a National programme like HPV vaccination got hampered .
In this context, you are here by requested to take necessary steps for 100% achievement of HPV vaccination at your end. Necessary instruction may be given to all the concerned school for HPV Vaccination of the beneficiaries eligible for vaccination at your end.
Thanking You.

Yours faithfully,
Medical Officer I/c
CHC,Nandapur.

Memo No ___/26 Dated ___/26
Copy submitted before the CDM&PHO,Koraput for information & necessary action.
Medical Officer I/c
CHC,Nandapur

ସ୍ୱାସ୍ଥ୍ୟ ବିଭାଗ କରିଥିବା ଅଭିଯୋଗ ପତ୍ର।

**ସ୍ୱାସ୍ଥ୍ୟ ବିଭାଗର ଅଭିଯୋଗ**

# କୋରାପୁଟ ପ୍ରିମିୟର ଲିଗ୍ ସିଜନ-୫ ଉଦ୍‌ଘାଟିତ


ବିଧାୟକ ରଘୁରାମ ମାଛ କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।

କୋରାପୁଟ,୩।୪(ଅମିତାଭ ବେହେରା)

କୋରାପୁଟ ରେଲୱେ ପଡ଼ିଆରେ କୋରାପୁଟ ପ୍ରିମିୟର ଲିଗ୍ କ୍ରିକେଟ ସିଜନ ୫ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କୋରାପୁଟ ବିଧାୟକ ରଘୁରାମ ମାଛ ମ୍ୟାଚ ଶୁଭାରମ୍ଭ କରିଥିଲେ। ଏହି ଲିଗ୍ ଦ୍ୱାରା ଜିଲାର କ୍ରିକେଟ ପ୍ରତିଭାମାନେ ଆଗକୁ ଆସିପାରିବେ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲା ଏସ୍‌ପି ରୋହିତ ବର୍ମା, ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଓ ଜିଲା କ୍ରୀଡ଼ା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଲିଗ୍‌ରେ ୧୦ ଟିମ୍ ଅଂଶଗ୍ରହଣ କରିବେ। ୨୬ଦିନ ଖେଳାଯିବାକୁ ଥିବା ବେଳେ ପ୍ରତି ଦଳ ୯ ଲେଖାଏ ମ୍ୟାଚ ଖେଳିବେ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାରୁ ଯୁବ କ୍ରିକେଟର ଅନ୍ୱେଷଣ କରିବା ଲିଗ୍‌ର ମୁଖ୍ୟ ଉଦ୍ଦେଶ୍ୟ।

# ଶିଶୁ ଅଧିକାର ସମ୍ପର୍କିତ ଖବରଦାତା ସମ୍ମିଳନୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଶିଶୁ ଖବରଦାତା ।

କୋରାପୁଟ,୩।୪(ଅମିତାଭ ବେହେରା)

କୋରାପୁଟ ସ୍ଥାନୀୟ କୋଟସ ସମ୍ମିଳନୀ କକ୍ଷରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏକତା ଆନୁକୂଲ୍ୟରେ ଶିଶୁ ଅଧିକାର ନେଇ ଜିଲାସ୍ତରୀୟ ଖବରଦାତା ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି, ଦଶମନ୍ତପୁର ବ୍ଲକ ପି.ବେଡ଼ାପଦର, ଲୁଲା, କାଠରଗଡ଼ା ବୋରିଗୁମ୍ମା ବ୍ଲକର ହରିଡ଼ାଗୁଡ଼ା ପଞ୍ଚାୟତରୁ ଶିଶୁ ଖବରଦାତାମାନେ ଅଂଶଗ୍ରହଣ କରିଥିଲେ। ପ୍ରକଳ୍ପ ପରିଚାଳିକା ମାମିନା ବେହେରା ପ୍ରକଳ୍ପ ସମ୍ପର୍କରେ ବିବରଣୀ ରଖିଥିଲେ। ଅନୁଷ୍ଠାନ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ପ୍ରଭାତ କୁମାର ପାଇକରାୟ ଶିଶୁ ଅଧିକାର ସମ୍ବନ୍ଧୀୟ ବିଭିନ୍ନ ବିଷୟକୁ ଗଣମାଧ୍ୟମ ସମ୍ମୁଖରେ ଉପସ୍ଥାପନା କରିବା ଏହାର ଉଦ୍ଦେଶ୍ୟ ବୋଲି କହିଛନ୍ତି। ଶିଶୁ ଖବରଦାତାମାନେ ବିଦ୍ୟାଳୟରେ ଶୌଚାଳୟ ଅଭାବ, ଖେଳପଡିଆ, ଅଙ୍ଗନୱାଡି ଗୃହର ଅଭାବ ସାଙ୍ଗକୁ ବାଲ୍ୟବିବାହ, ଡ୍ରପ୍ ଆଉଟ ଓ ଶିଶୁ ନିର୍ଯାତନା ଆଦି ସମସ୍ୟା ନେଇ ଆଲୋଚନା ହୋଇଥିଲା। ଗଣମାଧ୍ୟମ ପ୍ରତିନିଧିମାନେ ସମସ୍ୟାର ସମାଧାନ ପାଇଁ ସଚେତନତା ବୃଦ୍ଧି ସହ ସ୍ଥାନୀୟ ପ୍ରଶାସନ ଓ ପଞ୍ଚାୟତ ପ୍ରତିନିଧିଙ୍କ ଭୂମିକା ନେଇ କହିଥିଲେ। ଅନୁଷ୍ଠାନର ମାମିନା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାସ୍ତାକଡ଼ରେ ପଡ଼ିରହିଛି କୁଢ଼ କୁଢ଼ ଆବର୍ଜନା

**ପ୍ରଶାସନ ଦୃଷ୍ଟି ଦେବାକୁ ଦାବି**

ସୁନାବେଡ଼ା/ସେମିଳିଗୁଡ଼ା,୩।୪
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସ୍ୱଚ୍ଛ ଭାରତ ଅଭିଯାନ କୋରାପୁଟ ଜିଲା ସୁନାବେଡ଼ା ଓ ସେମିଳିଗୁଡ଼ା ଅଞ୍ଚଳରେ ପ୍ରହସନ ପାଲଟିଥିବା ଦେଖିବାକୁ ମିଳିଛି। ସୁନାବେଡ଼ା ପୌରାଞ୍ଚଳ ଅଧୀନ ସେମିଳିଗୁଡ଼ା ସରକାରୀ ବସ୍‌ଷ୍ଟାଣ୍ଡ ସମ୍ମୁଖ ୨୬ ନଂ. ଜାତୀୟ ରାଜପଥ କଡ଼ ଡମ୍ପିଂ ୟାର୍ଡ ପାଲଟିଛି। ରାସ୍ତାକଡ଼ରେ ଅଦରକାରୀ ମାଟି ଗଦା ସହ କୁଢ଼ କୁଢ଼ ଅଳିଆ ଆବର୍ଜନା ପରିପୂର୍ଣ୍ଣ ହୋଇରହିଛି। ଏହା ପୌର ପରିଷଦର ସହରାଞ୍ଚଳ ସୌନ୍ଦର୍ଯ୍ୟକୁ ନଷ୍ଟ କରୁଥିବା ଅଭିଯୋଗ ହେଉଛି। ରାସ୍ତାର ଗୋଟିଏ ପାର୍ଶ୍ୱରେ ସରକାରୀ ବସ୍‌ଷ୍ଟାଣ୍ଡ ଓ ଅପରପାର୍ଶ୍ୱରେ ଆବର୍ଜନା ପଡ଼ିଥିବାରୁ ପରିବେଶ ଦୁର୍ଗନ୍ଧମୟ ହେଉଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତା ଦେଇ ରାଜନେତାଙ୍କଠାରୁ ଆରମ୍ଭକରି ପ୍ରଶାସନିକ ଅଧିକାରୀ ଯାତାୟାତ କରୁଥିବା ବେଳେ କାହାରି ନଜର ପଡୁ ନ ଥିବା କୁହାଯାଇଛି। ଏଥିପ୍ରତି ପୌର ପ୍ରଶାସନ ଓ ଜିଲା ପ୍ରଶାସନ ନଜର ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ଡ.ରାଜେନ୍ଦ୍ର ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସ୍ଥାନୀୟ ଲୋକେ ଏଭଳି କରୁଛନ୍ତି। ଏହାଦ୍ୱାରା ପରିବେଶ ଓ ସହରର ସୌନ୍ଦର୍ଯ୍ୟ ନଷ୍ଟ ହେଉଛି। ଜନସାଧାରଣଙ୍କୁ ଏଭଳି ନ କରିବାକୁ ସେ ଅପିଲ କରିବା ସହ ଅତିଶୀଘ୍ର ଏହାକୁ ସଫା କରାଯିବ ବୋଲି କହିଛନ୍ତି। ଏଥିସହ ଆଗାମୀ ଦିନରେ କୌଣସି ବ୍ୟକ୍ତି ଅମାନିଆ ହୋଇ ରାସ୍ତାକଡ଼ରେ ଅଳିଆ ପକାଇଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


ରାସ୍ତାକଡ଼ରେ ପଡ଼ିଥିବା ଆବର୍ଜନା।

# ସ୍ୱଚ୍ଛତା ପକ୍ଷ ପୂର୍ବରୁ ରାସ୍ତାକଡ଼ରୁ ଆବର୍ଜନା ହଟାଇବାକୁ ଦାବି


ନନ୍ଦପୁର ବ୍ଲକ ସଦର ମହକୁମା ପାତ୍ରବନ୍ଧ ପାର୍ଶ୍ୱରେ ଜମା ହୋଇଥିବା ଆବର୍ଜନା।

ନନ୍ଦପୁର,୩।୪(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅଞ୍ଚଳର ରାସ୍ତାକଡ଼ରେ ଅଳିଆ ଆବର୍ଜନା ପଡ଼ି ରହିଥିବା ଦେଖିବାକୁ ମିଳିଛି। ବ୍ଲକ ସଦର ମହକୁମାର ମୁଖ୍ୟ ରାସ୍ତାକଡ଼ର ପାତ୍ରବନ୍ଧ, ହାଟପଦା, କୁମ୍ଭାରମୁଣ୍ଡା, ରାଜଦାଣ୍ଡ, ତହସିଲ କାର୍ଯ୍ୟାଳୟ ପାର୍ଶ୍ୱ ଡ୍ରେନ୍, ଜଗନ୍ନାଥ ମନ୍ଦିରରୁ ଗଙ୍ଗେଇଶୁଣୀ ନଦୀଘାଟ, ରାଣୀଡୁଡୁମା ରାସ୍ତା, ଦେଉଳବନ୍ଧ ପାର୍ଶ୍ୱ, ବ୍ରାହ୍ମଣତୋଟା, କୁମ୍ଭାରମୁଣ୍ଡାରୁ ଭଣ୍ଡାରୀ ରାସ୍ତାରେ କୁଢ଼ କୁଢ଼ ଆବର୍ଜନା ଜମା ହୋଇରହିଛି। ବସ୍‌ଷ୍ଟାଣ୍ଡ ଅଞ୍ଚଳ ଓ ହାଟର ଅଳିଆ ପାତ୍ରବନ୍ଧ ଓ କରଣବନ୍ଧରେ ପଶି ୨ ଜଳାଶୟକୁ ପୋତିବାରେ ଲାଗିଛି। ଦୋକାନୀ ଓ ଗୃହକର୍ତ୍ତା ରାସ୍ତାକଡ଼ ଓ ଡ୍ରେନ୍‌ଗୁଡ଼ିକୁ ଜବରଦଖଲକରି ଅଳିଆ ଜମାକରି ପରିବେଶକୁ ଦୂଷିତ କରୁଥିବା ଦେଖିବାକୁ ମିଳିଛି। ନନ୍ଦପୁର ପଞ୍ଚାୟତ, ବ୍ଲକ ଓ କୋରାପୁଟ ଜିଲା ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ପ୍ରଶାସନ ପକ୍ଷରୁ ରାସ୍ତାକଡ଼ରୁ ଆବର୍ଜନା ହଟାଇବାକୁ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ପ୍ରଶାସନ ୬ ତାରିଖରେ ସ୍ୱଚ୍ଛତା ଅଭିଯାନ ଅବସରରେ ବ୍ଲକ ସଦର ମହକୁମା ଓ ୨୩ ପଞ୍ଚାୟତ ସଦର ମହକୁମାରେ ପ୍ରଶାସନ, ରାଜନୈତିକ ଓ ବ୍ୟବସାୟିକ ପ୍ରତିଷ୍ଠାନ ମାଲିକ, ଜନସାଧାରଣ ଜନତା ମିଳିତ ଭାବେ ସଫେଇ କାର୍ଯ୍ୟକ୍ରମ କରି ରାସ୍ତାକଡରୁ ଆବର୍ଜନା ହଟାଇବାକୁ କୁହାଯାଇଛି। ଏ ସମ୍ପର୍କରେ ବିଡିଓ ଦୁର୍ଗାପ୍ରସାଦ ଦୋରାଙ୍କୁ ପଚାରିବାରୁ ସେ ବ୍ଲକ୍ ଜିପିଡିଓ ଓ ସହଯୋଗୀ ବିଭାଗର ଅଧିକାରୀଙ୍କ ସହ ଆଲୋଚନାକରି ସଫେଇ ଅଭିଯାନ ସହ ସଚେତନ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ବ୍ୟବସ୍ଥା କରିବେ ବୋଲି କହିଛନ୍ତି।

# କାଳବୈଶାଖୀ ଯୋଗୁ ଗଛ ପଡ଼ି ରାସ୍ତା ଅବରୋଧ

କୋରାପୁଟ,୩।୪(ଅମିତାଭ ବେହେରା)

କାଳବୈଶାଖୀ ପ୍ରଭାବରେ କୋରାପୁଟ-ରାୟଗଡ଼ା ସଂଯୋଗୀ ୩୨୬ ନଂ. ଜାତୀୟ ରାଜପଥ ବଙ୍ଗଳାଗୁଡ଼ା ନିକଟରେ ଏକ ଆମ୍ବ ଗଛ ରାସ୍ତାରେ ପଡ଼ିଯିବାରୁ କିଛି ସମୟ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକିରହିଥିବା ଦେଖିବାକୁ ମିଳିଛି। ଏହି ଗଛକୁ ଲାଗି ଥିବା ୨ ଘର ସୁରକ୍ଷିତ ଥିବା ଜଣାପଡ଼ିଛି। ଗ୍ରାମବାସୀ ଗଛକୁ କାଟି ରାସ୍ତା ସଫା କରିଥିଲେ। ଏହା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ସେହିପରି ଗ୍ରାମ ନିକଟ କାଜୁ କାରଖାନା ଶ୍ରମିକ ରହିବା ଘରର ଅଜେବେଷ୍ଟସ୍ ସମ୍ପୂର୍ଣ୍ଣ ପବନରେ ଉଡ଼ିଯାଇଥିବା ଦେଖିବାକୁ ମିଳିଛି। ଶ୍ରମିକମାନେ ପବନ ହେବାରୁ ବଙ୍ଗଳାଗୁଡା ଗ୍ରାମକୁ ଆସିଯାଇଥିଲେ। ପୋଡ଼ାଗଡ଼ ହାଟ ପଦା ନିକଟରେ ଏକ ଗଛ ରାସ୍ତା ଉପରେ ପଡ଼ିଯିବାରୁ ଯାତାୟାତ ଠପ୍ ହୋଇଥିଲା। ସ୍ଥାନୀୟ ବ୍ୟବସାୟୀମାନେ ଗଛ କାଟି ସଫା କରିଥିଲେ। କୋରାପୁଟ ସଦର ବ୍ଲକ ଅଧୀନ ବାଗିଗୁଡ଼ା ଗ୍ରାମ ଅଙ୍ଗନୱାଡି କେନ୍ଦ୍ର ନିକଟରେ ପଣସ ଗଛ ପଡ଼ିଯାଇଥିଲା।


ରାସ୍ତାରେ ପଡ଼ିଥିବା ଗଛ।

# କୁଆପଥର ବର୍ଷା: ଗଛ ଉପୁଡ଼ିବା ସହ ଉଡ଼ିଲା ଛପର

ନନ୍ଦପୁର,୩।୪(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅଞ୍ଚଳରେ କୁଆପଥର ବର୍ଷା ପବନ ପ୍ରଭାବରେ ମାଳିବେଲଗାଁ ପଞ୍ଚାୟତ ରାସ୍ତାରେ ୨ଗଛ ଉପୁଡ଼ି ପଡ଼ିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ପଞ୍ଚାୟତ ଦେଇ ପରଜାବଦପଡ଼ା ଓ ହାତୀବାରି ଯାଉଥିବା ୨ ବସ୍ ରାସ୍ତାରେ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ପଞ୍ଚାୟତ ବଡଟାଙ୍କୁଆ ଗ୍ରାମର ଅର୍ଜୁନ ଗେମେଲ ଓ ମାଛକୁଣ୍ଡ ରେଳ ଷ୍ଟେଶନ ପାର୍ଶ୍ୱ ଜଣଙ୍କ ଦୋକାନ ଛପର ଉଡ଼ିଯାଇଥିଲା। ନନ୍ଦପୁର ଅଗ୍ନିଶମ ବାହିନୀ ଏଏସ୍‌ଓ ହେମନ୍ତ କୁମାର ସାମଲଙ୍କ ନେତୃତ୍ୱାଧୀନ ଟିମ୍ ରାସ୍ତାରୁ ୨ ଗଛକୁ କାଟି ରାସ୍ତାରୁ ଅବରୋଧ ହଟାଇଥିଲେ। ଘର ଛପର ଉଡ଼ିଥିବା ୨ ବ୍ୟକ୍ତିଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ପଞ୍ଚାୟତ ସରପଞ୍ଚ ପ୍ରହ୍ଲାଦ ମୁଦୁଲି ଅନୁରୋଧ କରିଛନ୍ତି।

# ଓକିଲ ସଂଘ ନିର୍ବାଚିତ ସଦସ୍ୟଙ୍କ ଶପଥ ପାଠ ସମାରୋହ

ଜୟପୁର,୩।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରସ୍ଥିତ ଜିଲା ଓକିଲ ସଂଘର ନବ ନିର୍ବାଚିତ ସଦସ୍ୟମାନେ ଶୁକ୍ରବାର ଶପଥ ପାଠ କରିଛନ୍ତି। ନିର୍ବାଚନ ପର୍ଯ୍ୟବେକ୍ଷକ ପି.ରମେଶ ପାତ୍ର, ପୂର୍ବତନ ସଭାପତି ସରୋଜ ଦାସ, ପୂର୍ବତନ ସମ୍ପାଦକ ସଚି ମିଶ୍ରଙ୍କ ସହ ନିର୍ବାଚିତ ପ୍ରତିନିଧିମାନେ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ଅବସରରେ ବରିଷ୍ଠ ଆଇନଜୀବୀ ସଶାନନ୍ଦ ମିଶ୍ର ନିର୍ବାଚିତ ପ୍ରତିନିଧିମାନଙ୍କୁ ଶପଥ ପାଠ କରାଇଥିଲେ। ସଭାପତି ବିଜୟ ରାଇ ଜେନାଦେଓ, ଉପସଭାପତି ଶରତ ଚନ୍ଦ୍ର ମାଝୀ, ସମ୍ପାଦକ ସହଦେବ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭୋଳାନାଥ ପଟ୍ଟନାୟକ, କୋଷାଧ୍ୟକ୍ଷ ଭି.ରାମାନୁଜ ପ୍ରସାଦ ଓ ଅନ୍ୟ ପ୍ରତିନିଧି ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମରେ ସଭାପତି ଜେନାଦେଓ ଜିଲା ସଂଘ ସଭ୍ୟମାନଙ୍କ ପାଇଁ ଉପଲବ୍ଧ ଥିବା ସାଧନଗୁଡ଼ିକୁ ପ୍ରକୃତ ବିନିଯୋଗ କରାଇବାକୁ ପ୍ରୟାସ କରିବି ଓ ଏକ ସମବାୟ ସଂସ୍ଥା କରିବା ସହ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସୁଲଭ ଦରରେ ଯୋଗାଇବାକୁ ମିଳିତ ଭାବେ ପ୍ରୟାସ କରିବାକୁ ସହଯୋଗ କାମନା କରିଥିଲେ।

# ୭ରେ ଇଗ୍ନୁର ସମାବର୍ତ୍ତନ ଉତ୍ସବ

କୋରାପୁଟ,୩।୪(ଅମିତାଭ ବେହେରା)

କୋରାପୁଟରେ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୁ)ର ୩୯ତମ ସମାବର୍ତ୍ତନ ଉତ୍ସବ ହେବାକୁ ଯାଉଥିବା ସ୍ଥାନୀୟ ଆଞ୍ଚଳିକ କେନ୍ଦ୍ର ସଭାଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଇଗ୍ନୁ ଆଞ୍ଚଳିକ କେନ୍ଦ୍ର ନିର୍ଦ୍ଦେଶିକା ଡ. ଲତିକା ମିଶ୍ର ସୂଚନା ଦେଇଛନ୍ତି। ୭ ତାରିଖରେ କୋରାପୁଟ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ସମ୍ମିଳନୀ ଗୃହରେ ସମାବର୍ତ୍ତନ ଉତ୍ସବ ହେବ। ଏଥିରେ ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବୀପ୍ରସାଦ ମିଶ୍ର ଯୋଗଦେବେ ବୋଲି ସେ ସୂଚନା ଦେଇଛନ୍ତି। ଉତ୍ସବରେ କେବିକେ ଅଧୀନରେ ଥିବା ୭ ଜିଲାର ୨୨ଶହ ଛାତ୍ରୀଛାତ୍ର ଡିଗ୍ରୀ ପାଇବାକୁ ଯୋଗ୍ୟ ହୋଇଛନ୍ତି। ସେହିଦିନ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ୨୦୦୪ରେ କୋରାପୁଟରେ ସ୍ଥାପିତ ଇଗ୍ନୁର ଆଞ୍ଚଳିକ କେନ୍ଦ୍ର ଜରିଆରେ ୫ ବର୍ଷରେ ୩୫ ହଜାର ୪୯୯ ଛାତ୍ରୀଛାତ୍ର ଅଧ୍ୟୟନ କରିଥିବା ଡ. ମିଶ୍ର ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ସହ ଆଞ୍ଚଳିକ ନିର୍ଦ୍ଦେଶକ ମାଧବ କୁମାର ବିଷୋୟୀ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ନିର୍ଦ୍ଦେଶିକା ଡ.ଲତିକା ମିଶ୍ର ସୂଚନା ଦେଉଛନ୍ତି।

# କାଦୁଅମୟ ରାସ୍ତା, ଡ୍ରେନ୍ ନିର୍ମାଣ ଦାବି

ନନ୍ଦପୁର,୩।୪(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସଦର ମହକୁମା ଅଞ୍ଚଳରେ କୁଆପଥର ମାଡ଼ ସହ ବର୍ଷା ପବନ ହେବାରୁ ହାଟ ଉପର ଅଞ୍ଚଳର ଅଳିଆ, କାଦୁଅ ବର୍ଷାପାଣି ଆସି ଏମ୍‌ଡିଆର୍ ୫୫ ହାଟପଦା ରାସ୍ତା ଉପରେ ଜମା ହୋଇଥିବା ଶୁକ୍ରବାର ଦେଖିବାକୁ ମିଳିଛି। ପୂର୍ତ୍ତ ବିଭାଗ ପକ୍ଷରୁ ନନ୍ଦପୁର ଲମତାପୁଟ ସଂଯୋଗୀ ରାସ୍ତାର ନିର୍ମାଣ ବେଳେ ସାପ୍ତାହିକ ହାଟ ଦେଇ ଯାଇଥିବା ରାସ୍ତା ୨ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରିବାକୁ କୁହାଯାଇଥିଲା। ଉପରମୁଣ୍ଡରୁ ଏକ ପାର୍ଶ୍ୱରେ ଡ୍ରେନ ନିର୍ମାଣ କରାଯାଉଥିଲେ ସୁଦ୍ଧା ଏହାକୁ ମୁଖ୍ୟ ରାସ୍ତାର ସଂଯୋଗ ସ୍ଥଳରୁ ମାତ୍ର ଶହେ ମିଟର ନିର୍ମାଣ ନ କରି ଛାଡ଼ି ଦିଆଯାଇଛି। ହାଟ ପାର୍ଶ୍ୱରେ ଡ୍ରେନ୍ ମୂଳରୁ ନିର୍ମାଣ କରାଯାଇନାହିଁ। ଆର୍‌ଏମ୍‌ସି ହାଟ ଭିତରୁ ଆବର୍ଜନା ହଟାଇବାକୁ କୌଣସି ବ୍ୟବସ୍ଥା କରୁ ନ ଥିବାରୁ ଅଞ୍ଚଳର କାଦୁଅ ଓ ଆବର୍ଜନା ରାସ୍ତାରେ ଆସି ଜମା ହେଉଥିବା ପଥଚାରୀ ଓ ବ୍ୟବସାୟୀ କହିଛନ୍ତି। ପୂର୍ତ୍ତବିଭାଗ କର୍ତ୍ତୃପକ୍ଷ ସାପ୍ତାହିକ ହାଟ ଓ ନନ୍ଦପୁର-ଲମତାପୁଟ ରାସ୍ତା ସହ ଏମ୍‌ଦିଆର ୫୫ ରାସ୍ତାର ସଂଯୋଗସ୍ଥଳ ପ୍ରତି ଦୃଷ୍ଟି ଦେଇ ୨ପାର୍ଶ୍ୱରେ ଡ୍ରେନ ନିର୍ମାଣ କରିବାକୁ ସ୍ଥାନୀୟବାସିନ୍ଦା ଅନୁରୋଧ କରିଛନ୍ତି। ଆରଏମ୍‌ସି କର୍ତ୍ତୃପକ୍ଷ ବୁଧବାର ହାଟ ସରିବା ପରେ ଆବର୍ଜନା ପରିଚାଳନା ପାଇଁ ବ୍ୟବସ୍ଥା କରିବାକୁ ଦାବି ହୋଇଛି।


ରାସ୍ତାରେ ବର୍ଷା ପାଣି ଓ ଆବର୍ଜନା ଜମିରହିଛି।

# ସହାୟିକାଙ୍କ ଘର ବାରଣ୍ଡାରେ ଚାଲୁଛି ପ୍ରାକ୍ ଶିକ୍ଷା, ପୋଷଣ କାର୍ଯ୍ୟକ୍ରମ

ନନ୍ଦପୁର,୩।୪(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ଲମତାପୁଟ ବ୍ଲକ୍ ନନ୍ଦପୁର ଥାନା ଅଧୀନ କୁମାରଗନ୍ଧନା ପଞ୍ଚାୟତ ପରଜାପାଲିବା ଅଙ୍ଗନୱାଡି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ବର୍ଷାଧିକ କାଳରୁ ସରୁ ନ ଥିବାରୁ ଏହା ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏଥିଯୋଗୁ ଅଙ୍ଗନୱାଡି ସହାୟିକାଙ୍କ ଘର ବାରଣ୍ଡାରେ ପିଲାଙ୍କ ପ୍ରାକ୍ ଶିକ୍ଷା ଓ ପୋଷଣ କାର୍ଯ୍ୟକ୍ରମ କରାଯାଉଥିବା ଦେଖିବାକୁ ମିଳିଛି। ଠିକାଦାର ଓ ନିର୍ମାଣକାରୀ ସଂସ୍ଥା, ବ୍ଲକ ପ୍ରଶାସନ ଅଧପନ୍ତରିଆ ଭାବେ ନିର୍ମାଣ କାର୍ଯ୍ୟ ଛାଡ଼ି ଦେଇଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ଓ ବ୍ଲକସ୍ତରୀୟ ଜନଶୁଣାଣିରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ସୁଦ୍ଧା କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବା ପରଜାପାଲିବା ଗ୍ରାମର ଦୁଲବ ପୁକିଆ, ପୂର୍ଣ୍ଣ କାଟିଆ, ଦିଲୀପ ମୁଦୁଲି, ମଙ୍ଗଳା ଖସଲା ଓ ସଦନ ପାଙ୍ଗୀ ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ବ୍ଲକ ଓ ଜିଲା ପ୍ରଶାସନ ଦୃଷ୍ଟି ଦେଇ ଅଙ୍ଗନୱାଡି କେନ୍ଦ୍ର ଗୃହ ଅଧାପନ୍ତରିଆ ନିର୍ମାଣକୁ ସମ୍ପୂର୍ଣ୍ଣ କରି ପ୍ରାକ୍ ଶିକ୍ଷା, ପୋଷଣ ଓ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଉତ୍ତମ ସ୍ଥାନ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ଏ ନେଇ ସିଡିପିଓ ଇନ୍ଦୁମତି ପାଣିଗ୍ରାହୀଙ୍କୁ ପଚାରିବାରୁ ସେ ଏହି ବିଷୟରେ ବ୍ଲକ ବିଡିଓ, ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ସମେତ ଜିଲାପାଳଙ୍କୁ ପତ୍ର ଓ ବୈଠକ ମାଧ୍ୟମରେ ଅବଗତ କରିଥିବା କହିଛନ୍ତି। ଲମତାପୁଟ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାରୁ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୃଷ୍ଟି ସୁହାସିନୀ ମଲ୍ଲିକ ନିର୍ମାଣକୁ ସମ୍ପୂର୍ଣ୍ଣ କରିବାକୁ ଆବଶ୍ୟକ ପାଣ୍ଠି ପ୍ରଦାନ ପାଇଁ ଜିଲା ପ୍ରଶାସନ ଏବଂ ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗକୁ ଅନୁରୋଧ କରାଯାଇଛି। ପାଣ୍ଠି ମିଳିବା ମାତ୍ରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ବ୍ଲକ ମହିଳା ଓ ଶିଶୁ ବିକାଶ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ସେ ସୂଚନା ଦେଇଛନ୍ତି।


ଅଧପନ୍ତରିଆ ଅବସ୍ଥାରେ ଥିବା ଅଙ୍ଗନୱାଡି କେନ୍ଦ୍ର।

**ଅଧାପନ୍ତରିଆ ଅବସ୍ଥାରେ ଅଙ୍ଗନୱାଡି କେନ୍ଦ୍ର**



# ୧୫ ସୁଦ୍ଧା ଅନ୍‌ଲାଇନ ତଥ୍ୟ ପ୍ରଦାନ ପାଇଁ ଜନତାଙ୍କୁ ଅନୁରୋଧ

## ୧୬ରୁ ଘର ଘର ବୁଲି ତଥ୍ୟ ନେବେ ଗଣନାକାରୀ

ରାୟଗଡ଼ା,୩।୪(ଆଶିଷ ରଞ୍ଜନ ପଣ୍ଡା)



ଅଧିକାରୀଙ୍କ ସହ ତାଲିମ ନେଇଥିବା କର୍ମଚାରୀମାନେ ।

ଚଳିତ ବର୍ଷ ଆରମ୍ଭ ହେବାକୁ ଥିବା ଜନଗଣନା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ନେଇ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ସୂଚନା ଦେଇଛନ୍ତି । ଜନଗଣନା କାର୍ଯ୍ୟକୁ ସଫଳ କରିବା ପାଇଁ ଜିଲାସ୍ତରରେ କ୍ଷେତ୍ର ତାଲିମଦାତାଙ୍କୁ ତାଲିମ ପ୍ରଦାନ ପରେ ବ୍ଲକ୍, ଏନ୍‌ଏସି ଓ ପୌରାଞ୍ଚଳରେ ଗଣନାକାରୀ ଓ ପରିଦର୍ଶନକାରୀଙ୍କୁ ତାଲିମ ପ୍ରଦାନ କରାଯାଉଛି। ଏପ୍ରିଲ ୧୫ ମଧ୍ୟରେ ଜନସାଧାରଣ ନିଜର ତଥ୍ୟକୁ ସ୍ୱୟଂ ଗଣନା କରିବା ପାଇଁ ଜିଲାପାଳ ଅନୁରୋଧ କରିଛନ୍ତି । ଏହାପରେ ଏପ୍ରିଲ ୧୬ରୁ ମେ ୧୫ ଯାଏଁ ପ୍ରଥମ ପର୍ଯ୍ୟାୟ ଗୃହ ଗଣନା କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ରାୟଗଡ଼ା ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ ସୂଚନା ପ୍ରଦାନ କରିବା ସହ ଜନସାଧାରଣ ଗଣନାକାରୀଙ୍କୁ ଠିକ୍ ତଥ୍ୟ ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି।

ରାୟଗଡ଼ା ବ୍ଲକ୍ ଅଞ୍ଚଳରେ ଜନଗଣନା ପାଇଁ ୩୧୬ଜଣ ଗଣନାକାରୀ ଓ ସୁପରଭାଇଜରଙ୍କ ନିଯୁକ୍ତି ସହ ତାଲିମ ପ୍ରଦାନ ନିମନ୍ତେ ବ୍ୟବସ୍ଥା ପୂର୍ବକ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ମାର୍ଚ୍ଚ ୧୯ରୁ ଆରମ୍ଭ ହୋଇଛି। ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ଚାଲିବା ନେଇ ତହସିଲଦାର ସ୍ୱାଇଁ ସୂଚନା ଦେଇଛନ୍ତି। ଜିଲାସ୍ତରରେ ତାଲିମପ୍ରାପ୍ତ କ୍ଷେତ୍ର ତାଲିମଦାତା ରୂପେ ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର, ରମେଶ ଚନ୍ଦ୍ର ସାହୁ, ମନୋରଞ୍ଜନ ମିଶ୍ର ଓ ଗୌରୀ ପ୍ରସାଦ ବେହେରା ୭ଟି ଦଳରେ ତାଲିମ ପ୍ରଦାନ କରୁଛନ୍ତି। ସେହିଭଳି ସହକାରୀ ତହସିଲଦାର ଶିମନ୍ତ କୁମାର ସାହୁ ଓ ସହଯୋଗୀ ରଞ୍ଜନ କୁମାର ସିଂଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ତାଲିମ ଶିବିରରେ ଜନଗଣନାର ଆବଶ୍ୟକତା, ବିଲ୍ଡିଂ, ଗୃହ ଓ ପରିବାର ଗଣନା, ମୋବାଇଲ ଆପ୍ ମାଧ୍ୟମରେ ୩୩ଟି ପ୍ରଶ୍ନର ଉତ୍ତର ସଂଗ୍ରହ କୌଶଳ ଓ ଆପ୍‌ର ବ୍ୟବହାର ଉପରେ ତାଲିମ ପ୍ରଦାନ କରାଯାଇଥିଲା । ସୂଚନା ମୁତାବକ, ଗତ ମଙ୍ଗଳବାର ଜିଲାପାଳ କୁଲକର୍ଣ୍ଣି ନିଜ ପରିବାରର ତଥ୍ୟକୁ ସ୍ୱୟଂ ଗଣନା ମାଧ୍ୟମରେ ପ୍ରଦାନ କରିଛନ୍ତି।

# କର୍ମଚାରୀଙ୍କଠୁ ଲୁଟ୍ ମାମଲା, ମହିଳାଙ୍କ ସହ ୫ଗିରଫ

ରାୟଗଡା,୩।୪ (ଆଶିଷ ରଞ୍ଜନ ପଣ୍ଡା)




ଗିରଫ ଅଭିଯୁକ୍ତ।

ରାୟଗଡ଼ା ସହର ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ନିକଟରେ ରହୁଥିବା ଜଣେ ସରକାରୀ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ମରଣାନ୍ତକ ଆକ୍ରମଣ କରିବା ସହ ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି ରାୟଗଡ଼ା ପୋଲିସ। ଏହି ମାମଲାରେ ରାୟଗଡ଼ା ପୋଲିସ ଶୁକ୍ରବାର ଜଣେ ମହିଳାଙ୍କ ସମେତ ୫ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ରାଜେଶ ସେଠୀ ଓରଫ ରାଜା, ରଜନୀରାଣୀ ସେଠୀ ଓରଫ ରୋଜୀ, ଦେବାଶିଷ ପାଢ଼ୀ, ଯଶୋବନ୍ତ ନାୟକ ଓରଫ ଜେଶୁ ଓ ହରେଶ ରତ୍ୱାଲୁ । ଗିରଫ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ଗୋଟିଏ ଗ୍ୟାସ୍ ସିଲିଣ୍ଡର, ଗୋଟିଏ ଗ୍ରାଇଣ୍ଡର, ୨ଟି ସାଉଣ୍ଡ ସ୍ପିକର, ରାଇସ୍ କୁକର, ଇଲେକ୍ଟ୍ରିକ କେଟଲି ଜବତ କରିଥିବା ପୋଲିସ ପ୍ରେସ୍ ବିବୃତିରେ ଗଣମାଧ୍ୟମକୁ ସୂଚନା ଦେଇଛି ।

ରାୟଗଡ଼ା ପୂର୍ତ୍ତ ବିଭାଗରେ କାର୍ଯ୍ୟ କରୁଥିବା ବସନ୍ତ କୁମାର ମିଶ୍ର ମାର୍ଚ୍ଚ ୧୨ ତାରିଖ ବିଳମ୍ବିତ ରାତିରେ ଘରେ ଏକୁଟିଆ ଥିବାବେଳେ ଜଣେ ମହିଳାଙ୍କ ସମେତ ୫ ଯୁବକ ମାରଣାସ୍ତ୍ର ଧରି ଜବରଦସ୍ତି ରାତି ପ୍ରାୟ ୧୧ଟାରେ ତାଙ୍କ ଘରେ ପଶିଯାଇଥିଲେ। ସକାଳ ୫ଟା ଯାଏଁ ସେମାନେ ବସନ୍ତଙ୍କୁ ମାରପିଟ କରିବା ସହ ସୁନାଚେନ୍, ମୁଦି, ଘରୋଇ ଆସବାବପତ୍ର, ବାଇକ୍ ଲୁଟି ନେଇଥିବା ବସନ୍ତ ଏତଲା ଦେଇଥିଲେ। ଏପରକି ଦୁର୍ବୃତ୍ତମାନେ ତାଙ୍କ ଫୋନ ପେ ଆକାଉଣ୍ଟରୁ ୧୧ ହଜାର ଟଙ୍କା ମଧ୍ୟ ଟ୍ରାନ୍ସଫର କରିନେଇଥିଲେ ବୋଲି ବସନ୍ତ ଅଭିଯୋଗ କରିଥିଲେ। ଦୁର୍ବୃତ୍ତମାନେ ସକାଳୁ ବାହାର ପଟୁ କବାଟ ବନ୍ଦ କରି ଚାଲି ଯାଇଥିଲେ। ସକାଳୁ ବସନ୍ତ ଜୋରରେ ପାଟି କରିବା ପରେ ପଡ଼ିଶା ଲୋକେ ତାଙ୍କୁ ଉଦ୍ଧାରକରି ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ।

# ସିଦ୍ଧି ବିନାୟକ ମନ୍ଦିର ପ୍ରତିଷ୍ଠା ଉତ୍ସବ



ମନ୍ଦିରରେ ହୋମ ଯଜ୍ଞ ଚାଲିଛି।

ଗୁଣପୁର, ୩।୪( ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର କଲେଜ ନିକଟରେ ଥିବା ସିଦ୍ଧି ବିନାୟକ ମନ୍ଦିରର ୧୬ ତମ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିଲାଗି ମନ୍ଦିରରେ ସ୍ୱତନ୍ତ୍ର ପୂଜା ରୀତିନୀତି ପରିଚାଳିତ ହୋଇଥିଲା । ଶ୍ରୀଗଣେଶଙ୍କ ଚଳନ୍ତି ପ୍ରତିମାକୁ ମଣ୍ଡପରେ ବିରାଜମାନ କରାଯାଇ ନିତିକାନ୍ତି ହୋଇଥିଲା । ଷୋଡ଼ଶ ଉପଚାର ପୂଜା, ଘୃତଯଜ୍ଞ, ନାମଯଜ୍ଞ ସହ ଅନ୍ନଯଜ୍ଞ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ। ମନ୍ଦିରର ପୂଜକ ଶିବରାମ ରଥ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ପୂଜକ ଭାବେ ନବୀନ ରଥ, ସୂର୍ଯ୍ୟ ନାରାୟଣ ରଥ, ପ୍ରକାଶ ରଥ ଏବଂ ଗୁପ୍ତେଶ୍ୱର ଆଚାର୍ଯ୍ୟ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ ।

# ପର୍ଯ୍ୟଟକଙ୍କ ମନ ମୋହୁଛି ଉପର ଗଦଗଦା

## ଜଳପ୍ରପାତରେ ଗାଧୋଇ ମଜା ନେଉଛନ୍ତି ଲୋକେ

ବିଷମକଟକ,୩।୪ (ପ୍ରସନ୍ନ କୁମାର ପଣ୍ଡା)



ଉପର ଗଦଗଦା ଜଳପ୍ରପାତ।

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ଚାଟିକଣା ଗ୍ରାମରେ ଥିବା ଉପର ଗଦଗଦା ପର୍ଯ୍ୟଟକଙ୍କ ମନ ମୋହୁଛି। ପ୍ରାକୃତିକ ପରିବେଶ ସହ ଜଳପ୍ରପାତ ଏବଂ କୁଳୁକୁଳୁ ଝରଣାର ନାଦ ପାଇଁ ଜିଲା ତଥା ପଡୋଶୀ ଜିଲା ଏବଂ ରାଜ୍ୟରୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ଖରାଦିନେ ଏହି ସ୍ଥାନ ଦାରିଙ୍ଗବାଡ଼ିର ଥଣ୍ଡା ଅନୁଭୂତ ହୁଏ। ତେଣୁ ଖରାଦିନେ ଏହି ସ୍ଥାନକୁ ବହୁ ପର୍ଯ୍ୟଟକ ଆସିବା ସହ ଭୋଜିଭାତ, ଉପର ଗଦଗଦା ଜଳପ୍ରପାତରେ ଗାଧୋଇବା ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ଉଠାଇଥାନ୍ତି। ତେବେ ଜଳପ୍ରପାତ ନିକଟରେ ଥିବା ଶୈବପୀଠରେ ପୂଜା ପାଉଛନ୍ତି ମହାପ୍ରଭୁ ପାତାଳେଶ୍ୱର। ଚାଟିକଣା ଗ୍ରାମଠାରୁ ୧ କି.ମି. ଦୂରରେ ଥିବା ଅତି ପ୍ରାଚୀନ ପାତାଳେଶ୍ୱର ଶୈବପୀଠର ରାୟଗଡ଼ା ଜିଲା ତଥା ବାହାର ରାଜ୍ୟରେ ବେଶ୍ ନାମ ରହିଛି। ସେହିପରି ଚାଟିକଣା ନିକଟ କୁରୁଲୀ ପଞ୍ଚାୟତରେ ରହିଥିବା ଝରଣାର ସୁନ୍ଦର କୁଳୁକୁଳୁ ନାଦ ପର୍ଯ୍ୟଟକଙ୍କୁ ବିମୋହିତ କରେ। ଆଦିମ ଜନଜାତି ଡଙ୍ଗରିଆ କନ୍ଧମାନେ ଏହି ଝରଣା ପାଣିର ମଜା ନେଇଥାନ୍ତି। ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଚାଟିକଣା ପାତାଳେଶ୍ୱର ଶିବମନ୍ଦିର ବା ଉପର ଗଦଗଦାର ବିକାଶ ପ୍ରତି ଦୃଷ୍ଟି ଦେଇ ଆହୁରି ଉନ୍ନତ କରିବା ପାଇଁ ଜନସାଧାରଣ ଦାବି ହୋଇଛି।

# ଅସହାୟଙ୍କ ଶବ ସତ୍କାର କଲେ ବଜରଙ୍ଗ ଦଳ, ସ୍ୱର୍ଗଧାମ ସେବା ସମିତି

ରାୟଗଡା,୩।୪(ଆଶିଷ ରଞ୍ଜନ ପଣ୍ଡା)

ଜଣେ ଅସହାୟ ବ୍ୟକ୍ତିଙ୍କ ଶବ ସତ୍କାର କରି ମାନବତାର ଉଦାହରଣ ଦେଇଛନ୍ତି ବଜରଙ୍ଗ ଦଳ, ସ୍ୱର୍ଗଧାମ ସେବା ସମିତି । ଉତ୍ତରପ୍ରଦେଶ କାନପୁର ଅଞ୍ଚଳର ରାଜୁ ବେହେରା(୩୮) ରାୟଗଡା ସହରର ଜଗନ୍ନାଥ ମନ୍ଦିର ସାହିରେ ରହି ଆଇସକ୍ରିମ ବ୍ୟବସାୟ କରି ଜୀବିକା ନିର୍ବାହ କରୁଥିଲେ। ଦୀର୍ଘଦିନ ଧରି ଅସୁସ୍ଥ ଥିବାରୁ ତାଙ୍କର ଶୁକ୍ରବାର ଦେହାନ୍ତ ଘଟିଥିଲା। ଶବ ସତ୍କାର କରିବା ପାଇଁ ପରିବାରର କୌଣସି ସଦସ୍ୟ ଉପସ୍ଥିତ ନ ଥିବାରୁ ତାଙ୍କ ସ୍ତ୍ରୀ ପିଙ୍କି ବେହେରା ଅସହାୟ ଅବସ୍ଥାରେ ବଜରଙ୍ଗ ଦଳ କର୍ମୀଙ୍କୁ ସହାୟତା ପାଇଁ ଅନୁରୋଧ କରିଥିଲେ। ମାନବତାକୁ ସର୍ବୋପରି ରଖି ବଜରଙ୍ଗ ଦଳ ଓ ସ୍ୱର୍ଗଧାମ ସେବା ସମିତିର ସଦସ୍ୟମାନେ ମିଳିତ ଭାବେ ଆଗକୁ ଆସି ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ଏହି ସେବା କାର୍ଯ୍ୟରେ ବଜରଙ୍ଗ ଦଳର ଜିଲା ସହ ସଂଯୋଜକ ଶଶ୍ୟଜ୍ୟୋତି ବେହେରା, ନଗର ସଂଯୋଜକ ଶଙ୍କର ବେହେରା, ବଳ ଉପାସନା ପ୍ରମୁଖ ଗଣେଶ ବେହେରା, ମିଳନ କେନ୍ଦ୍ର ପ୍ରମୁଖ କାର୍ତ୍ତିକ ବେହେରା ଓ ସ୍ୱର୍ଗଧାମ ସେବା ସମିତିର ଆଶା ବନିସିକା, ଟି.ଲୋକେଶ କୁମାର ସହ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ଘରେ ନିଆଁ ଲାଗି ଆସବାବପତ୍ର ନଷ୍ଟ

ମୁନିଗୁଡା,୩।୪ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ାର ରାମମନ୍ଦିର ଲାଇନସ୍ଥିତ ଦୁବେସାହିଠାରେ ଶୁକ୍ରବାର ଜଣଙ୍କ ଘରେ ନିଆଁ ଲାଗି ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଛି। କେଉଁ କାରଣରୁ ଘରେ ନିଆଁ ଲାଗିଲା ତାହା ସ୍ପଷ୍ଟ ହୋଇନାହିଁ। ଶୁକ୍ରବାର ସକାଳେ ୧୦ ଟାରେ ହଠାତ୍ ଦିଲୀପଙ୍କ ଘରେ ନିଆଁ ଲାଗିଯାଇଥିବା ପଡୋଶୀ ଲୋକେ ଦେଖି ମୁନିଗୁଡା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଘରେ ଦିଲୀପଙ୍କ ବାପା ଥିଲେ ମଧ୍ୟ ତାଙ୍କର କିଛି କ୍ଷତି ହୋଇ ନ ଥିବା ଜଣାପଡିଛି। ଅନ୍ୟପଟେ ଘରର ଛଣ ସହ ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଥିବା ଜଣାପଡିଛି। ଦିଲୀପ ଅତି ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇବାକୁ ସାହି ବାସିନ୍ଦା ଦାବି କରିଛନ୍ତି।



ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି ।

# ଚକୁଳିପିଠା ଖାଇ ଗୋଟିଏ ପରିବାରର ୩ ଗୁରୁତର

କଲ୍ୟାଣସିଂହପୁର,୩।୪ (ଦୀପକ କୁମାର ପରିଡା)

ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ଧାମୁଣିପଙ୍ଗା ପଞ୍ଚାୟତ ଅନ୍ତର୍ଗତ ଚଞ୍ଚଡାଗୁଡା ଗାଁରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି । ବିରି ଚକୁଳି ପିଠା ଖାଇ ଗୋଟିଏ ପରିବାରର ୩ ଜଣ ଗୁରୁତର ଅବସ୍ଥାରେ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଗୁରୁତରମାନେ ହେଲେ ମା' ଡାଳିମ୍ବ କାର୍ଗମ (୪୫) ଏବଂ ୨ ପୁଅ ମାନିକାନ୍ତା କାର୍ଗମ (୧୪), ଜିତେନ୍ଦ୍ର କାର୍ଗମ (୧୧)। ପିତା କାର୍ଗମ ଦୁର୍ଯ୍ୟୋଙ୍କ କହିବା ଅନୁସାରେ, ଶୁକ୍ରବାର ଅପରାହ୍ନ ୪ ଟା ସମୟରେ ପରିବାର ଲୋକ ବିରି ଚକୁଳି କରି ଖାଇଥିଲେ। ଏହାପରେ ୩ ଜଣଙ୍କ ଝାଡାବାନ୍ତି ହେବାରୁ ସମ୍ପର୍କୀୟ ଲୋକଙ୍କ ସାହାଯ୍ୟରେ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ଆଶିଷ ରଞ୍ଜନ ମେହେର ପ୍ରାଥମିକ ଚିକିତ୍ସା କରିବା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ଥିବା କହିଛନ୍ତି ।



ଗୁରୁତରଙ୍କୁ ମେଡିକାଲରେ ଚିକିତ୍ସା କରାଯାଉଛି।

# ଗାଡ଼ି ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

କଲ୍ୟାଣସିଂହପୁର, ୩।୪ (ଦୀପକ କୁମାର ପରିଡା)

ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ବୁଢ଼ାଗୁଡା ପଞ୍ଚାୟତ ଚାମରଯୋଡ଼ି ଗାଁ ନିକଟରେ ଏକ ଗାଡି ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପାଲଖମଣ ଗାଁର ଘଣ୍ଟନ ପ୍ରଧାନୀଙ୍କ ପୁଅ ଜିତୁ ପ୍ରଧାନ ଓ ସହଦେବ ସାଇନିଙ୍କ ପୁଅ ତ୍ରିଲୋଚନ ସାଇନି। ସେମାନେ କାଶୀପୁର ଅଞ୍ଚଳକୁ ଭୋଜି ଖାଇବାକୁ ଏକ ବାଇକ୍ ଯୋଗେ ଯାଉଥିବା ବେଳେ ବୁଢ଼ାଗୁଡା ପଞ୍ଚାୟତ ଚାମରଯୋଡ଼ି ଗାଁ ପାର୍ଶ୍ୱରାସ୍ତାରେ ଏକ ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତର ଆଶିଷ ରଞ୍ଜନ ମେହେର କହିଛନ୍ତି। ପୋଲିସ ଏସ୍‌ଆଇ ସଞ୍ଜୟ କୁମାର ପଟ୍ଟନାୟକ ଘଟଣାର ତଦନ୍ତ କରୁଥିବା ସୂଚନା ରହିଛି।

# ଯୁବତୀଙ୍କୁ ଯୌନ ନିର୍ଯାତନା, ଅଭିଯୁକ୍ତ ବାପା ଗିରଫ

ବ୍ରହ୍ମପୁର,୩।୪ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଟାଉନ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଯୌନ ନିର୍ଯାତନା ଘଟଣାକୁ ଚପାଇଦେବାକୁ ଉଦ୍ୟମ ଅଭିଯୋଗରେ ପୋଲିସ ପିଡ଼ିତାଙ୍କ ବାପାଙ୍କୁ ଗିରଫ କରିଛି। ସେ ହେଲେ ଦୀପକ କୁମାର ସାହୁ(୪୮)। ପୋଲିସ ପିଡ଼ିତାଙ୍କ ଜନ୍ମ ପ୍ରମାଣ ପତ୍ର, ମୋବାଇଲ ଫୋନ ଜବତ କରିଛି। ମାମଲା ନଂ ୧୧୪/୨୬ରେ ଦୀପକଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ପୂର୍ବରୁ ପୋଲିସ ଗତ ୨୮ ତାରିଖରେ ସୋନପୁର ଜିଲାର ପ୍ରେମାନନ୍ଦ ଜାନିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଟାଉନ ଥାନା ଅଞ୍ଚଳର ୧୮ ବର୍ଷୀୟ ଯୁବତୀ ଜଣଙ୍କ ସାମାଜିକ ଗଣମାଧ୍ୟମରେ ଭିଡିଓ ଜାରି କରି ତାଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ଓ ସେକ୍ସ ରାକେଟରେ ନିୟୋଜିତ କରାଯାଉଥିବା ଅଭିଯୋଗ କରିଥିଲେ ।

# କଣ୍ଟାଦୋଳିରେ ଝୁଲିଲେ, ନିଆଁରେ ଚାଲିଲେ ପୂଜକ

ଚନ୍ଦ୍ରପୁର, ୩।୪ (ବିଜୟ ପ୍ରସାଦ ଉଲାକା)

## ମାଣିକେଶ୍ୱରୀଙ୍କ ଝାମୁ ଯାତ୍ରା ଉଦ୍‌ଯାପିତ

ଚନ୍ଦ୍ରପୁର ବ୍ଲକ୍‌ର ହନୁମନ୍ତପୁର ସଦର ମହକୁମାରେ ଆଡ଼ମ୍ବର ସହକାରେ ମା' ମାଣିକେଶ୍ୱରୀଙ୍କ ଝାମୁଯାତ୍ରା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସକାଳୁ ବହୁ ଶ୍ରଦ୍ଧାଳୁ ମା'ଙ୍କ ମନ୍ଦିରକୁ ଯାଇ ଦର୍ଶନକରି ରୀତିନୀତି ଅନୁଯାୟୀ ପୂଜାପାଠ କରିଥିଲେ। ଦିନତମାମ ମନ୍ଦିର ପରିସରରେ ପାରମ୍ପରିକ ବାଜା ସହ ଭଜନ କୀର୍ତ୍ତନ କରାଯାଇଥିଲା । ପରେ ମୁଖ୍ୟ ପୂଜକ ଆନନ୍ଦ ପାତ୍ର ମା'ଙ୍କ ବେଶରେ ସଜ୍ଜିତ ହୋଇ ମନ୍ଦିର ପରିସରରୁ ବାହାରି କଣ୍ଟାଦୋଳିରେ ଝୁଲିବା ସହ ଭକ୍ତଙ୍କ ଗୁହାରି ଶୁଣି ସମସ୍ତଙ୍କୁ ଆଶୀର୍ବାଦ ଦେଇଥିଲେ। ଶେଷରେ ଭକ୍ତଙ୍କ ଭିଡ଼ରେ ପୂଜକ ନାଚି ନିଆଁ ଭଡି ଝାମୁ ଗର୍ତ୍ତରେ ଚାଲିଥିଲେ। କେତେଜଣ ଭକ୍ତ ମଧ୍ୟ ନିଆଁରେ ଚାଲିଥିଲେ। ଗ୍ରାମର ଗୀତା ଗୁରୁ, କରୁଣାକର ପାତ୍ର, ଅଭି ବଳିଆର, ସୁନୀଲ ବଳିଆରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସହଯୋଗ କରିଥିଲେ । ଲୋକଙ୍କ ମନୋରଞ୍ଜନ ପାଇଁ ରାତିରେ ବିଭିନ୍ନ ପୌରାଣିକ ନାଟକ ପରିବେଷଣ କରାଯାଇଥିଲା। ଯାତ୍ରା ଦେଖିବାକୁ ବିଭିନ୍ନ ଅଞ୍ଚଳରୁ ୨୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଭିଡ଼ ଜମିଥିଲା।



ମାଣିକେଶ୍ୱରୀଙ୍କ ଝାମୁ ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ ।

# ସରିଲା ମୁତ୍ୟାଲୁମାଙ୍କ ଚୈତ୍ରଯାତ୍ରା

ଗୁଣପୁର,୩।୪ (ସୁଜାତା ପାଢ଼ୀ)



ମନ୍ଦିରରେ ପୂଜା ପାଉଥିବା ମା' ମୁତ୍ୟାଲୁମା ।



ସ୍ୱତନ୍ତ୍ର ପୂଜାରେ ଯୋଗଦେଇଥିବା ମହିଳାମାନେ।

ରାୟଗଡ଼ା ଜିଲା ଗୁଣପୁର ସହର ମୋତିଲାଲ ନଗରଠାରେ ୩ ଦିନ ଧରି ଚାଲିଥିବା ଶ୍ରୀ ଶ୍ରୀ ଶ୍ରୀ ମା' ମୁତ୍ୟାଲୁମାଙ୍କ ଚୈତ୍ରଯାତ୍ରା ଗୁରୁବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଏହି ଯାତ୍ରାରେ ପ୍ରତିଦିନ ମା'ଙ୍କ ସ୍ୱତନ୍ତ୍ର ନୀତିକାନ୍ତି ସହ ହୋମଯଜ୍ଞ ହୋଇଥିଲା। ଯାତ୍ରାର ଅନ୍ତିମ ଦିବସରେ ମହିଳା ଶ୍ରଦ୍ଧାଳୁଙ୍କ ଦ୍ୱାରା ୧ହଜାର ୮ ବେଲପତ୍ର ଅର୍ପଣ ପୂର୍ବକ ଏକ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଥିଲ।

ପ୍ରଥମ ଦିନ ଗଙ୍ଗାଧିବାସ ସହ ସହସ୍ର କଳସ ଯାତ୍ରା ଅନୁଷ୍ଠିତ ହେବା ପରେ ଧ୍ୱଜା ସ୍ଥାପନ, ମଣ୍ଡଳପୂଜା, ହୋମାଗ୍ନି ସ୍ଥାପନ ହେବା ପରେ ମା'ଙ୍କ ଷୋଡ଼ଶ ଉପଚାର ପୂଜା କରାଯାଇଥିଲା। ପ୍ରତଦିନ ଅନ୍ନଛତ୍ର ଖୋଲାଯାଇ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯିବା ସହ ଶେଷ ଦୁଇଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜକ ପଣ୍ଡିତ ପ୍ରଭାତ ରଥଶର୍ମାଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ସମ୍ପାଦନ ହୋଇଥିବା ବେଳେ ମନ୍ଦିରର ପୂଜକ ବି. କିଶୋର, ଏମ୍. ରାଜା ଏବଂ କିଷାନ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ସୁନାମଧନ୍ୟ କଣ୍ଠଶିଳ୍ପୀ ନିହାରିକା ସାହୁ ସୁମଧୁର କଣ୍ଠରେ ଉପସ୍ଥିତ ଦର୍ଶକଙ୍କୁ ମତୁଆଲା କରିଥିଲେ। ସ୍ଥାନୀୟ କ୍ଷୁଦ୍ରଶିଳ୍ପ ବ୍ୟବସାୟୀ ସତ୍ୟନାରାୟଣ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ କଳାକାରମାନଙ୍କୁ ପୁରସ୍କୃତ କରିଥିଲେ ।

ସେହିପରି ଉଦ୍‌ଯାପନୀ ସନ୍ଧ୍ୟାରେ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ଗାନ୍ଧୀ ଯାନ୍ତ୍ରିକ ବିଶବିଦ୍ୟାଳୟର ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା ଏବଂ ସମ୍ମାନିତ ଅତିଥିଭାବେ ସୁବୁଦ୍ଧି ଗୌରୀ ଯୋଗଦେଇ ମା'ଙ୍କ ମନ୍ଦିର ପାଇଁ ଅବଦାନ ଥିବା କିଛି ବଦାନ୍ୟ ବ୍ୟକ୍ତିତ୍ୱଙ୍କୁ ମଞ୍ଚରେ ମାନପତ୍ର ସହ ଉପଢୌକନ ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ। ଦୀର୍ଘବର୍ଷ ଧରି ମନ୍ଦିର ପାଇଁ ନିଜର ନିଃସ୍ୱାର୍ଥପର ସେବା ଯୋଗାଇ ଆସୁଥିବା ଅଜିତ ପାଢ଼ୀ, ସି.ଏଚ. ଗଣେଶ, ଯାମି ରାଜୁ ଏବଂ ନୃତ୍ୟ ଗୁରୁ ସସ୍ମିତା ପଣ୍ଡା,ଡ. ରୀନାରାଣୀ ସାହୁ ଏବଂ ଭାସ୍କର ଶବରଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ମୁତ୍ୟାଲୁମା ପୂଜା କମିଟିର ସଭାପତି ଟି. ଗୋପାଳ ରାଓ, ଉପସଭାପତି ଶିବପ୍ରସାଦ ଦଣ୍ଡସେନା, ସମ୍ପାଦକ ସୁରେନ୍ଦ୍ର ପ୍ରଧାନ, ଯୁଗ୍ମ ସମ୍ପାଦକ ସୁଧାକର, କୋଷାଧ୍ୟକ୍ଷ ଡି. ଶଙ୍କର ନାରାୟଣ ଏବଂ କମିଟିର ଉପଦେଷ୍ଟା ଶିବରାମ ପଣ୍ଡାଙ୍କ ପ୍ରତ୍ୟ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜେନ୍ଦ୍ର ମହାନ୍ତି, ବିଜୟ ମହାନ୍ତି, ରାଧାକାନ୍ତ ପାତ୍ର, ଯୁବନେତା ରାମ ପଣ୍ଡା, ଅମରେଶ ପଣ୍ଡାଙ୍କ ସମେତ ସମସ୍ତ କମିଟି ସଦସ୍ୟ ଉପସ୍ଥିତ ରହି ପରିଚାଳନା କରିଥିଲେ। ଅଶୋକ କର ଏବଂ ସୁନିତା ପଣ୍ଡା ମଞ୍ଚ ସଂଯୋଜନା କରିଥିଲେ। ଶିକ୍ଷକ ସଞ୍ଜୀବ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହିଳାଙ୍କ ଦ୍ୱାରା ୧୦୦୮ ବେଲପତ୍ର ଅର୍ପଣ

## ସଂକ୍ଷେପରେ

### ଆହତ ଯୁବକଙ୍କୁ ରାସ୍ତାକଡ଼ରୁ ଉଠାଇ ମେଡିକାଲ ପଠାଇଲେ ମନ୍ତ୍ରୀ

ନବରଙ୍ଗପୁର,୩।୪(ସଦାଶିବ ପ୍ରହରାଜ)

ବାଇକ୍ ଦୁର୍ଘଟଣାରେ ଆହତ ହୋଇ ରାସ୍ତାକଡ଼ରେ ପଡ଼ିଥିବା ଜଣେ ବ୍ୟକ୍ତିଙ୍କୁ ମେଡିକାଲ ପଠାଇ ମାନବିକତା ଦେଖାଇଲେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ମନ୍ତ୍ରୀ ଗଣ୍ଡ ନବରଙ୍ଗପୁର ଜିଲା ରାଇଘର ବ୍ଲକ ଜୋଡିଙ୍ଗା ଛାତ୍ରୀନିବାସରୁ କାର୍ଯ୍ୟକ୍ରମ ସାରି ଫେରିବା ସମୟରେ ଗାନ୍ଧୀନଗରସ୍ଥିତ ଛକଠାରେ ଜଣେ ବ୍ୟକ୍ତି ବାଇକ୍‌ରୁ ପଡ଼ି ଆହତ ଅବସ୍ଥାରେ ଯିବା ଆସିବା କରୁଥିବା ଲୋକଙ୍କୁ ସାହାଯ୍ୟ ମାଗୁଥିଲେ। ମନ୍ତ୍ରୀ ଗାଡି ଅଟକାଇ ସହକର୍ମୀ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଯୁବକଙ୍କୁ ନିଜ ସୁରକ୍ଷାରେ ଥିବା ପୋଲିସ ଗାଡିରେ ରାଇଘର ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ମନ୍ତ୍ରୀଙ୍କ ସହାୟତା ଯୋଗୁ କାଦୋଭଟା ଗ୍ରାମର ଶିବୁ ବିଶ୍ୱାସ ମୃତ୍ୟୁ ମୁଖରୁ ବଞ୍ଚି ଯାଇଥିବା କୁହାଯାଉଛି। ମନ୍ତ୍ରୀଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

### ନୂଆଗୁଡ଼ା ଜଙ୍ଗଲରୁ ୩ କୁଇଣ୍ଟାଲ ଗଞ୍ଜେଇ ଜବତ

କୋରୁକୋଣ୍ଡା,୩।୪(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଚିତାପାରି–୩ ପଞ୍ଚାୟତ ଅଧୀନ ନୂଆଗୁଡ଼ା ଗ୍ରାମ ନିକଟ ଜଙ୍ଗଲରେ ୨୬ ବସ୍ତାରେ ଗଚ୍ଛିତ ଥିବା ମୋଟ ୩ କୁଇଣ୍ଟାଲ ୧୨ କିଲୋ ଗଞ୍ଜେଇକୁ ଓର୍କେଲ ପୋଲିସ ଶୁକ୍ରବାର ଜବତ କରିଛି। ଏ ନେଇ ଥାନାରେ ନଂ.୯୨/୨୬ରେ ମାମଲା ରୁଜୁ ହୋଇଛି। ସୂଚନାନୁଯାୟୀ, ବାହାର ରାଜ୍ୟକୁ ଚାଲାଣ କରିବାକୁ ମାଫିଆମାନେ ନୂଆଗୁଡ଼ା ଜଙ୍ଗଲରେ ବିପୁଳ ମାତ୍ରାରେ ଗଞ୍ଜେଇ ଗଚ୍ଛିତ କରି ରଖିଥିଲେ। ଖବର ପାଇ ଚିତ୍ରକୋଣ୍ଡା ଏସ୍‌ଡିପିଓ ପ୍ରଦୋଷ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଥାନାଧିକାରୀ ଧିରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଏସ୍‌ଆଇ ଅଜିତ ସିଂ ବରିହା ଓ ଅନ୍ୟ କର୍ମଚାରୀ ଚଢ଼ାଉ କରିଥିଲେ। ମାଜିଷ୍ଟ୍ରେଟ ଭାବେ ଚିତ୍ରକୋଣ୍ଡା ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ଭତ୍ରାଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଓଜନ କରାଯାଇଥିଲା। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଏସ୍‌ଆଇ ହରପ୍ରିୟା ଶବର ତଦନ୍ତ ଜାରି ରଖିଛନ୍ତି।

### ଚୋରି ଘଟଣାରେ ଯୁବକ ଗିରଫ

ବ୍ରହ୍ମପୁର,୩।୪(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବଡ଼ବଜାର ଥାନା ଆଇନବନ୍ଧ ସାହିରେ ଘଟିଥିବା ଏକ ଚୋରି ଘଟଣାରେ ପୋଲିସ ଫାଷ୍ଟ ଗେଟ ଶ୍ରୀକ୍ଷେତ୍ର ବିହାର ଅଞ୍ଚଳର ଟି. ଗଣେଶ ରାଓ(୩୪)ଙ୍କୁ ଗିରଫ କରିଛି। ଆଇନବନ୍ଧ ସାହିର ତ୍ରିଲୋଚନ ପଣ୍ଡା ଜଣେ ରୋଷେୟା। ସେ ଗତ ମାସରେ ବାହାରକୁ ଯାଇଥିବା ବେଳେ କେହି ଦୁର୍ବୃତ୍ତ ଘର ତାଲା ଭାଙ୍ଗି ୫୦ ହଜାର ଟଙ୍କା, ୨ଟି ଗ୍ୟାସ ସିଲିଣ୍ଡର ଏବଂ ୫୦ କେଜି ଚାଉଳ ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଥିଲେ। ଏ ନେଇ ମାର୍ଚ୍ଚ ୨ ତାରିଖରେ ଥାନାରେ ଅଭିଯୋଗ ପରେ ପୋଲିସ ନଂ.୧୩୯/୨୦୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗିରଫ ଗଣେଶଙ୍କଠାରୁ ଚୋରି ପ୍ଲାଷ୍ଟିକ ଏୟାର କୁଲର ଓ ୧୦ କେଜି ଚାଉଳ ଜବତ କରାଯାଇଛି । ଚୋରିରେ ସମ୍ପୃକ୍ତ ତାଙ୍କ ୨ ସହଯୋଗୀଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି ।

# ହଷ୍ଟେଲ ଖାଦ୍ୟର ମାନ ଯାଞ୍ଚକଲେ ଗଣଶିକ୍ଷା ମନ୍ତ୍ରୀ

କୋଡ଼ିଙ୍ଗା, ୩।୪
(ସମରେନ୍ଦ୍ର ପଟ୍ଟନାୟକ)

ଆଦିବାସୀ କଲ୍ୟାଣ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁକ୍ରବାର ନବରଙ୍ଗପୁର ଜିଲା କୋଡ଼ିଙ୍ଗା ମଙ୍ଗଳ ବିଭାଗ ଉଚ୍ଚ ବିଦ୍ୟାଳୟକୁ ଅଚାନକ ଗସ୍ତ କରିଥିଲେ। ଗୁଡ୍ ଫ୍ରାଇଡେ ଉପଲକ୍ଷେ ସ୍କୁଲ ଛୁଟି ଥିବାରୁ ଶ୍ରେଣୀରେ ପାଠପଢ଼ା ବନ୍ଦ ଥିଲା । ତେଣୁ ମନ୍ତ୍ରୀ ଅନ୍ତେବାସୀ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବା ସହ ପିଲାମାନଙ୍କ ପାଇଁ ରନ୍ଧାଯାଉଥିବା ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଖାଦ୍ୟର ମାନକୁ ଆହୁରି ଉନ୍ନତକରିବା ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ତାଗିଦ କରିଥିଲେ। ଏଥିସହ ସ୍କୁଲର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଦେଖି ବିରକ୍ତ ଭାବ ପ୍ରକାଶ କରିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ସ୍କୁଲର ଶିକ୍ଷକ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ସ୍କୁଲରେ କର୍ମଚାରୀଙ୍କ ପାଇଁ ରହିବା ବ୍ୟବସ୍ଥା ଏବଂ ଶୌଚାଳୟ ସୁବିଧା ନ ଥିବା ଓ ଅନ୍ୟ ସମସ୍ୟା ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷ ମନ୍ତ୍ରୀଙ୍କୁ କହିଥିଲେ। ଉକ୍ତ ସମସ୍ୟାର ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିବା ଜଣାପଡ଼ିଛି।


ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଖାଦ୍ୟର ମାନ ଯାଞ୍ଚ କରୁଛନ୍ତି।

# ମାନବ ଅଧିକାର ଉପରେ ଆଧାରିତ ଚଳଚ୍ଚିତ୍ର 'ଅଧିକାର' ମୁକ୍ତିଲାଭ


ଚଳଚ୍ଚିତ୍ର 'ଅଧିକାର'ର କଳାକାରମାନେ।

ନବରଙ୍ଗପୁର,୩।୪(ସଦାଶିବ ପ୍ରହରାଜ)

ମାନବ ଅଧିକାର ଉପରେ ଆଧାରିତ ଓଡ଼ିଆ ଚଳଚ୍ଚିତ୍ର 'ଅଧିକାର' ମୁକ୍ତିଲାଭ କରିଛି। ଏହି ଚଳଚ୍ଚିତ୍ରକୁ ନବରଙ୍ଗପୁର ଜିଲାର ଅତିରିକ୍ତ ଜିଲାପାଳ ବିଶ୍ୱଜିତ ଚନ୍ଦ୍ର ବର୍ମନ ପରିକଳ୍ପନା ଏବଂ ନିର୍ଦ୍ଦେଶନା ଦେଇଛନ୍ତି। ଟେଲିଫିଲ୍ମ ନିର୍ଦ୍ଦେଶକ ମନୋଜ କୁମାର ପଟ୍ଟନାୟକ ଚିତ୍ରନାଟ୍ୟ, କାହାଣୀ ତଥା ସଂଳାପ ଲେଖିଛନ୍ତି ଏବଂ ଚନ୍ଦନ ବାହାଦୁର ସମ୍ପାଦନା କରିଛନ୍ତି । ନବରଙ୍ଗପୁରର ଏ . କାମେଶ୍ୱର ରାଓ (କାମି)ଙ୍କ ନେତୃତ୍ୱରେ ଜୟ ଜଗନ୍ନାଥ ଷ୍ଟୁଡିଓର କର୍ମକର୍ତ୍ତା ଏହି ଚଳଚ୍ଚିତ୍ରରେ କ୍ୟାମେରା ପରିଚାଳନା କରିଛନ୍ତି । ବିଭିନ୍ନ ଭୂମିକାରେ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ଚନ୍ଦ୍ର ବର୍ମନ, ଟେନ୍ତୁଳିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀ, ବରିଷ୍ଠ କଳାକାର ସଞ୍ଜୀବ ସିଂ, ତୁଷାର କାନ୍ତି ଖୋସ୍‌ଲା, ପ୍ରକାଶ ଚନ୍ଦ୍ର ବାରିକ, ଶିବଶଙ୍କର ପାଢ଼ୀ, ଶିବ ଶଙ୍କର ତ୍ରିପାଠୀ, ନିର୍ମଳ ସାହୁ ପ୍ରମୁଖ ଅଭିନୟ କରିଛନ୍ତି। ଉକ୍ତ ଚଳଚ୍ଚିତ୍ର ନିର୍ମାଣରେ ନବରଙ୍ଗପୁର ସଦର ଥାନା ଅଧିକାରୀ ସସ୍ମିତ ବେହେରା, ହିମାଂଶୁ ପଟ୍ଟନାୟକ, ହରିଶ ବେହେରା, ନବରଙ୍ଗପୁର ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ସହଯୋଗ କରିଛନ୍ତି ।

ସୂଚନାଯୋଗ୍ୟ, ନବରଙ୍ଗପୁର ଜିଲାର ବିଭିନ୍ନ ଅଞ୍ଚଳରେ ଏହି ଚଳଚ୍ଚିତ୍ର ସୁଟିଂ ହୋଇଛି ଏବଂ ଓଡ଼ିଆ ଭାଷା ସମେତ ଆଞ୍ଚଳିକ ଭାଷାକୁ ଏଥିରେ ପ୍ରାଧାନ୍ୟ ଦିଆଯାଇଛି। ଜନ ଜାଗରଣ ଉଦ୍ଦେଶ୍ୟରେ ନିର୍ମିତ ଏହି ଚଳଚ୍ଚିତ୍ର ଜନାଦୃତ ହୋଇପାରିବ ବୋଲି ଚଳଚ୍ଚିତ୍ରର ସମସ୍ତ ସଭ୍ୟ ସଭ୍ୟା ଆଶାବ୍ୟକ୍ତ କରିଛନ୍ତି।

# ଗୋଷ୍ଠୀ ଶୌଚାଳୟ କାର୍ଯ୍ୟକାରୀ ପୂର୍ବରୁ କବାଟ କାଢ଼ିଦେଲେ

ଟେନ୍ତୁଳିଖୁଣ୍ଟି,୩।୪ (ଚିଦାନନ୍ଦ ସାହୁ)

ଟେନ୍ତୁଳିଖୁଣ୍ଟିସ୍ଥିତ ପିଏମ୍‌ଶ୍ରୀ ନବୋଦୟ ବିଦ୍ୟାଳୟ ପରିସରରେ ସ୍ୱଚ୍ଛ ଭାରତ ଯୋଜନା ଅଧୀନରେ ନିର୍ମିତ ଗୋଷ୍ଠୀ ଶୌଚାଳୟ ଲୋକାର୍ପଣ ହେବା ପୂର୍ବରୁ କବାଟ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ଟେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ତରଫରୁ ସ୍ୱଚ୍ଛ ଭାରତ ଯୋଜନାରେ ୧୫ ତମ କେନ୍ଦ୍ରୀୟ ଅର୍ଥ କମିଶନ ଅର୍ଥରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ଗୋଷ୍ଠୀ ଶୌଚାଳୟ ନିର୍ମିତ ହୋଇଛି। ନିର୍ମାଣ ହୋଇ ବ୍ୟବହାର ପୂର୍ବରୁ କବାଟ ଭାଙ୍ଗିଯିବା ଦୁଃଖଦାୟକ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏ ନେଇ ବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ପୀତବାସ ପ୍ରହରାଜଙ୍କ ସହ ଯୋଗାଯୋଗ କରିବାରୁ ପବନ ଯୋଗୁ ଭାଙ୍ଗିଯାଇଥାଇପାରେ ବୋଲି କହିଛନ୍ତ। ପ୍ରକୃତପକ୍ଷେ ଜାଣିଶୁଣି ଭଙ୍ଗାଯାଇଥିବା ଭଳି ଦୃଶ୍ୟମାନ ହେଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଯଦି ଗୋଷ୍ଠୀ ଶୌଚାଳୟର ଦାୟିତ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ନେବାକୁ ପ୍ରସ୍ତୁତ ନୁହନ୍ତି, କେନ୍ଦ୍ରୀୟ ଅନୁଦାନରେ ପରିଚାଳିତ ଆବାସିକ ବିଦ୍ୟାଳୟ ପରିସରରେ ଗୋଷ୍ଠୀ ପ୍ରତୀକ୍ଷା ଗୃହ ନ ଥିବା ବେଳେ କାହିଁକି ଗୋଷ୍ଠୀ ଶୌଚାଳୟ କରାଯାଇଛି ବୋଲି ପ୍ରଶ୍ନ ଉଠୁଛି। ଏ ସମ୍ପର୍କରେ ବିଡିଓ ମନୋଜ ପାଣିଗ୍ରାହୀଙ୍କୁ ପଚାରିବାରୁ ଅଭିଭାବକଙ୍କ ଅନୁରୋଧ ତଥା ବିଧାୟକଙ୍କ ନିର୍ଦ୍ଦେଶରେ ଏହି ବିଦ୍ୟାଳୟ ପରିସରରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଛି। ହସ୍ତାନ୍ତର ପୂର୍ବରୁ ଏଭଳି ହେବା ଲଜ୍ଜାଜନକ ବୋଲି ସେ କହିଛନ୍ତି।



ବିଦ୍ୟାଳୟ ପରିସରରେ ନିର୍ମିତ ଗୋଷ୍ଠୀ ଶୌଚାଳୟ କବାଟ ବାହାର କରି ରଖାଯାଇଛି।

## ଗୁଡ ଫ୍ରାଇଡେ ପାଳିତ



କୋରୁକୋଣ୍ଡା,୩।୪(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ସହରର ବିଭିନ୍ନ ଚର୍ଚ୍ଚରେ ଗୁଡ ଫ୍ରାଇଡେ ଶୁକ୍ରବାର ପାଳିତ ହୋଇଯାଇଛି। ସମସ୍ତ ଚର୍ଚ୍ଚରେ ସାମୁହିକ ପ୍ରାର୍ଥନା ସଭା କରାଯାଇଥିଲା। ସଭାରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟମାନେ ଯୋଗଦେଇଥିଲେ। ଚର୍ଚ୍ଚରେ ପାଷ୍ଟରମାନେ ଯୀଶୁଖ୍ରୀଷ୍ଟଙ୍କ କ୍ରୁଶ ଉପରେ ଦେଇଥିବା ଶେଷ ୭ ବାଣୀ ଉପରେ ବୁଝାଇଥିଲେ। ଏଥିସହ ମାନବ ସମାଜକୁ ପ୍ରେମ, ତ୍ୟାଗ ଓ କ୍ଷମା ଆଦି ବାର୍ତ୍ତା ପ୍ରଦାନ କରିଥିଲେ। ରବିବାର ଦିନ ପାଳନ କରିବାକୁ ପ୍ରିୟଜନଙ୍କ କବରଗୁଡିକୁ ଲିପାପୋଛା କରିଥିବା ଦେଖିବାକୁ ମିଳିଛି।

# ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ମାଥିଲି,୩।୪(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ମିନି ଷ୍ଟାଡିୟମରେ ଆଦର୍ଶ ପଣ୍ଡାଙ୍କ ସ୍ମୃତିରେ ୧୭ଦିନିଆ ରାତ୍ରିକାଳୀନ ଟେନିସ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଦୀନବନ୍ଧୁ ନାୟକଙ୍କ ନେତୃତ୍ୱରେ ମୋଟ ୮ଟିମ୍ ଅଂଶଗ୍ରହଣ କରିଥିଲେ। ଫାଲ୍‌କନ ଟିମ୍ ସମସ୍ତ ୭ ଦଳକୁ ହରାଇ ଫାଇନାଲରେ ପହଞ୍ଚିଥିଲା। ଫାଇନାଲରେ ନୋକାରାଜୁଙ୍କ ବିରାଟ ରାଇଡର୍ସ ପ୍ରଥମେ ବ୍ୟାଟିଂକରି ୧୫ ଓଭରରେ ୧୬୦ ରନ୍ ସଂଗ୍ରହ କରିଥିଲେ। ଜବାବରେ ଫାଲ୍‌କନ ଟିମ୍ ୧୧ ଓଭରରେ ୪ ବଲରେ ୧୬୩ ରନ୍ କରି ବିଜୟୀ ହୋଇଥିଲା। ଫାଲ୍‌କନର ଅଧିନାୟକ ଶୁକଦେବ ମାଡ଼ିଙ୍କୁ 'ମ୍ୟାନ୍ ଅଫ୍ ଦ ମ୍ୟାଚ୍' ଓ 'ମ୍ୟାନ୍ ଅଫ୍ ଦ ସିରିଜ' ମିଳିଥିଲା। କାର୍ଯ୍ୟକ୍ରମରେ ଓଏଏସ୍ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ମାଥିଲି ସରପଞ୍ଚ କାନାମରାଜୁ ନାୟକ, ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ସମିତିସଭ୍ୟ ବାଲାରାଜୁ କୋପେ ଉପସ୍ଥିତ ଥିଲେ।

ବିଜେତାଙ୍କୁ ଓଏଏସ୍ ଅଧିକାରୀ ଅନୁଗୁଳିଆଙ୍କ ଜେଜେଙ୍କ ସ୍ମୃତିରେ ୧ ଲକ୍ଷ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ରନର ଅପ୍‌ଙ୍କୁ ୮୦ ହଜାର ଓ ଟ୍ରଫି ଦିଆଯାଇଥିଲା। ବିଶାଲ, ହରିଶ ନାୟକ ଓ ଭକ୍ତ ରଣା ଅମ୍ପାୟର ଦାୟିତ୍ୱରେ ଥିଲେ। ପରିଚାଳନା କମିଟି ସଭାପତି ଦୀନବନ୍ଧୁ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଅତିଥିଙ୍କ ସହ ଖେଳାଳିମାନେ।

## ପୋଖରୀରେ ବୁଡ଼ି ଯାଉଥିବା ୩ ମହିଳା ଉଦ୍ଧାର

ଦିଗପହଣ୍ଡି,୩।୪(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କୁଶପଡ଼ା ଗ୍ରାମ ନିକଟସ୍ଥ ଏକ ପୋଖରୀରେ ଶୁକ୍ରବାର ୩ ମହିଳା ବୁଡି ଯାଉଥିବା ବେଳେ ସେମାନଙ୍କୁ ଉଦ୍ଧାର କରାଯାଇଛି। ତେବେ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। କୁଶପଡା ଗ୍ରାମର କମଳା ଦୋରା (୬୫) ଶୁକ୍ରବାର ସକାଳେ ନାତୁଣୀ ଶୁଭଶ୍ରୀ ଦୋରା (୯)ଙ୍କୁ ସାଙ୍ଗରେ ଧରି ଗାଁ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ନାତୁଣୀଙ୍କୁ ପୋଖରୀ ହିଡରେ ବସାଇ ସେ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ପୋଖରୀରେ ଗାଧୋଉଥିବା କସ୍ତୁରୀ ଗଭୀର ପାଣି ମଧ୍ୟକୁ ଚାଲିଯାଇଥିବା କମଳା ଦେଖିବାକୁ ପାଇ କମଳା ପାଟିକରି ତାଙ୍କୁ ଉଦ୍ଧାର ପାଇଁ ପୋଖରୀ ଭିତରକୁ ଲମ୍ଫ ମାରିଥିଲେ। ତେବେ ଉଭୟେ ଗଭୀର ପାଣିରେ ବୁଡିଯାଉଥିବା ବେଳେ ନିକଟରେ ଗାଧୋଉଥିବା ଗ୍ରାମର ଶିବାନୀ ଦୋରା ଦେଖି ସେ ନିଜ ଜୀବନକୁ ବାଜି ଲଗାଇ ଉଭୟଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରୁଥିବା ବେଳେ ସେ ମଧ୍ୟ ପାଣିରେ ବୁଡ଼ି ଯାଇଥିଲେ। ଏହା ଦେଖି ପୋଖରୀର ଅନ୍ୟ ତୁଠରେ ଗାଧୋଉଥିବା କେତେ ଜଣ ବ୍ୟକ୍ତି ସେଠାକୁ ଦୌଡ଼ି ଆସି ୩ ଜଣଙ୍କୁ ଉଦ୍ଧାର କରିଥିଲେ। ସମସ୍ତଙ୍କୁ ଅସୁସ୍ଥ ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ କମଳାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ପଣାସଂକ୍ରାନ୍ତିରେ ଗାଁରେ ଆମିଷ ବିକ୍ରି ବନ୍ଦ ପାଇଁ ନିଷ୍ପତ୍ତି


ବୈଠକରେ ବ୍ଲକ ଉପାଧ୍ୟକ୍ଷଙ୍କ ସହ ଉପସ୍ଥିତ ଗ୍ରାମବାସୀ।

ପାପଡାହାଣ୍ଡି, ୩।୪ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଶୁକ୍ରବାର ପଣାସଂକ୍ରାନ୍ତି ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏପ୍ରିଲ ୧୬ରେ ପଣାସଂକ୍ରାନ୍ତି ଦିନ ସକାଳୁ ହନୁମାନ ମନ୍ଦିରଠାରେ ନୀତିକାନ୍ତି ହେବା ପରେ ଶ୍ରଦ୍ଧାଳଙ୍କୁ ଦର୍ଶନ ନିମନ୍ତେ ଧାଡ଼ିଲାଇନର ବ୍ୟବସ୍ଥା କରାଯିବ। ସଂକ୍ରାନ୍ତି ପୂର୍ବରୁ ସମ୍ପୂର୍ଣ୍ଣ ଗ୍ରାମ ରାସ୍ତାକଡ଼ରେ ଗୈରିକ ପତାକା ଲଗାଇବା ସହ ଭଗବାନଙ୍କ ଫଟୋଚିତ୍ର ଲଗାଇବା, ସଂକ୍ରାନ୍ତିରେ ଗାଁରେ ଆମିଷ ବିକ୍ରି ବନ୍ଦ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ଗ୍ରାମରେ ଠାକୁରଙ୍କ ରଥ ପରିକ୍ରମା ସମୟରେ ସମସ୍ତ ଦୋକାନ ବଜାର ବନ୍ଦ କରିବା ସହ ସମସ୍ତେ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଅନୁରୋଧ କରାଯାଇଥିଲା। ୪ କୀର୍ତ୍ତନ ଦଳ, ପାରମ୍ପରିକ ବାଦ୍ୟ ନୃତ୍ୟ ଦଳ ସହ ଅପରାହ୍ନ ୪ ଟାରେ ସୁସଜ୍ଜିତ ରଥରେ ଭଗବାନ୍‌ଙ୍କ ଫଟୋଚିତ୍ର କରି ଗ୍ରାମ ପରିକ୍ରମା, ପଣା ବଣ୍ଟନ ବ୍ୟବସ୍ଥା କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ପୂର୍ବତନ ସରପଞ୍ଚ ବି. ଜଗନ ମୋହନ ରାଓ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ତ୍ରିନାଥ ପ୍ରଧାନ, ବିଜୟ ବିଷୋୟୀଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

# ଛାତ୍ରୀଙ୍କୁ ପ୍ରଧାନଶିକ୍ଷକଙ୍କ ଦୁର୍ବ୍ୟବହାର ଅଭିଯୋଗ

**ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ୪ ଛାତ୍ରୀ**

ମାଲକାନଗିରି,୩।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ବଡ଼ବେଲ ସେବାଶ୍ରମ ପ୍ରଧାନଶିକ୍ଷକ ଛାତ୍ରୀଙ୍କ ପ୍ରତି ଦୁର୍ବ୍ୟବହାର କରୁଥିବା ଅଭିଯୋଗ ଆଣି ୪ ଛାତ୍ରୀ ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଶୁକ୍ରବାର ଦ୍ୱାରସ୍ଥ ହୋଇଛନ୍ତି। ପ୍ରଧାନଶିକ୍ଷକ ରମାକାନ୍ତ ମହାରଣା ସେବାଶ୍ରମରେ ଥିବା ଛାତ୍ରୀମାନଙ୍କ ସହ ଦୁର୍ବ୍ୟବହାର ସହ କଥାବାର୍ତ୍ତା ହେବା ବେଳେ ମନ୍ଦ ଉଦ୍ଦେଶ୍ୟରେ ସେମାନଙ୍କ ଦେହରେ ହାତ ପକାଇବା, ବଜାରରୁ ବିଭିନ୍ନ ସାମଗ୍ରୀ ଆଣି ଦେବା ଆଦି ଆଚରଣ କରୁଥିବା ଅଭିଯୋଗ କରିଛନ୍ତି। ଏଥିସହ ବେଳେ ବେଳେ ଛାତ୍ରୀମାନଙ୍କୁ ବିନା କାରଣରେ ମାଡ଼ ମାରିବା, ନିର୍ଯାତନା ଦେଉଥିବା ୪ ଛାତ୍ରୀ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୁମନ୍ତ କୁମାର ମାଝୀଙ୍କୁ ପଚାରିବାରୁ ପ୍ରଧାନଶିକ୍ଷକଙ୍କ ବିରୋଧରେ କୌଣସି ଅଭିଯୋଗ ଆସିନାହିଁ। ଘଟଣା ସମ୍ପର୍କରେ ଖବର ପାଇଥିବାରୁ ତଦନ୍ତ କରିବା ପରେ ପ୍ରଧାନଶିକ୍ଷକଙ୍କ ଏଭଳି କାର୍ଯ୍ୟକଳାପରେ ସମ୍ପୃକ୍ତି ଥିବା ପ୍ରମାଣିତ ହେଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଏ ନେଇ ପ୍ରଧାନଶିକ୍ଷକ ରମାକାନ୍ତ ମହାରଣାଙ୍କୁ ଯୋଗାଯୋଗ କରିବାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ଆର୍‌ଏସ୍‌ସି–୧୨ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଚିତ୍ରକୋଣ୍ଡା,୩।୪(ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ବଡ଼ପଦର ପଞ୍ଚାୟତ ଆର୍‌ଏସସି–୧୨ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨ୟ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ନୀଳାଦ୍ରି କୁମାର ରାଉତ ସାମନ୍ତଙ୍କ ତତ୍ତ୍ୱାବଧାନରେ ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ସବିତା ତ୍ରିପାଠୀ ସଭାପତିତ୍ୱରେ ବ୍ଲକ ଶିକ୍ଷାଧିକାରୀ ଗାୟତ୍ରୀ ଦେବୀ, ଦରଲାବେ କଲେଜ ଅଧ୍ୟାପକ ଦିଲ୍ଲୀପ କୁମାର ଓଜା, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ହେମନ୍ତ କୁମାର ନାୟକ, ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ରାଉତ ସାମନ୍ତ ବାର୍ଷିକ ବିବରଣୀ ପଠନ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ନିହାରା ବଡ଼ପଦର କ୍ଲଷ୍ଟରର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଅତିଥି ସମ୍ମାନିତ କରିଥିଲେ। ଗଙ୍ଗାଧର ଖରା, ବିଜୟ କୁମାର ନାୟକ ଓ ଜ୍ଞାନ ରଞ୍ଜନ ପଲେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଉତ୍ସବରେ କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।


 କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ୮ଦିନ ହେବ ବିଏସ୍‌ଏନ୍‌ଏଲ୍ ସେବା ବନ୍ଦ

**ବିଭାଗୀୟ କର୍ତ୍ତୃପକ୍ଷ ଶୁଣୁ ନ ଥିବା ଅଭିଯୋଗ**

କୋରୁକୋଣ୍ଡା,୩।୪(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ଓ କୋରୁକୋଣ୍ଡା ବ୍ଲକ ଅଧୀନ ଅଞ୍ଚଳରେ ପ୍ରାୟ ୮ରୁ ଊର୍ଦ୍ଧ୍ୱ ଦିନ ହେବ ବିଏସ୍‌ଏନ୍‌ଏଲ୍ ସେବା ସମ୍ପୂର୍ଣ୍ଣ ବନ୍ଦ ଥିବା ଦେଖିବାକୁ ମିଳିଛି। ଅଞ୍ଚଳର ହଜାର ହଜାର ଉପଭୋକ୍ତା ମୋବାଇଲ ସେବାରୁ ବଞ୍ଚିତ ହୋଇ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ବିଏସଏନଏଲ ସେବା ନ ଥିବାରୁ ଲୋକେ ବ୍ୟାଙ୍କରୁ ଟଙ୍କା ଉଠାଇବା, ଆଧାର ସଂଶୋଧନ, ରନ୍ଧନ ଗ୍ୟାସ ଓ ଅନ୍ୟ ଜରୁରୀ କାର୍ଯ୍ୟ ପାଇଁ ଓଟିପି ଆବଶ୍ୟକ ହେଉଥିବାରୁ ଠିକ ସମୟରେ ସେବା ପାଇବାରୁ ବଞ୍ଚିତ ହେଉଥିବା କହିଛନ୍ତି। ବାଲିମେଳା ସହରରେ ଜଳ ବିଦ୍ୟୁତ କେନ୍ଦ୍ର, ପୋଟେରୁ ଜଳସେଚନ ବିଭାଗର ମୁଖ୍ୟ କାର୍ଯ୍ୟାଳୟ, ବିଭିନ୍ନ ଶିକ୍ଷା ଅନୁଷ୍ଠାନ ଓ ବିଭିନ୍ନ କାର୍ଯ୍ୟାଳୟ ଆଦି ରହିଛି। ବିଏସ୍‌ଏନ୍‌ଏଲ୍ ସେବା ଠପ୍ ହୋଇଥିବାରୁ ଲୋକେ ହଇରାଣ ହେଉଛନ୍ତି। ସମସ୍ୟା ଜଣାଇବା ପାଇଁ ଅଞ୍ଚଳରେ ବିଭାଗର କେହି ସ୍ଥାୟୀ କର୍ମଚାରୀ ଓ ଅଧିକାରୀ ନାହାନ୍ତି। ବିଭାଗ ଦାୟିତ୍ୱରେ ଥିବା ଜଣେ ଅସ୍ଥାୟୀ କର୍ମଚାରୀଙ୍କ କହିବାନୁଯାୟୀ, ମୋବାଇଲ ବିଟିଏସ କାର୍ଡ ଖରାପ ହୋଇଯାଇଥିବାରୁ ସମସ୍ୟା ଦେଖାଦେଇଛି। ଏ ନେଇ ସ୍ଥାନୀୟ ଲୋକେ ବହୁବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କୋରାପୁଟ ବିଏସଏନଏଲ ବିଭାଗର ଏଜିଏମ ମହେନ୍ଦ୍ର ମାଝୀଙ୍କୁ ତାଙ୍କ ମୋବାଇଲ ନମ୍ବର–୯୪୩୭୯୬୪୭୯୯ରେ ଫୋନ କରିଥିଲେ ସୁଦ୍ଧା ଫୋନ ରିସିଭ କରିନଥିବାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।



# ପାରମ୍ପରିକ ପୋଷାକ ପ୍ରତି ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ

**ଆମ ପୋଷାକ, ଆମ ପରିଚୟ କାର୍ଯ୍ୟକ୍ରମ**

ମାଲକାନଗିରି,୩।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଆମ ପୋଷାକ, ଆମ ପରିଚୟ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଆଲୋକ କୁମାର ପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପାରମ୍ପରିକ ପୋଷାକର ଗୁରୁତ୍ୱ, ସଂସ୍କୃତି ପ୍ରତି ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ପୋଷାକ କେବଳ ଦେହ ଆବରଣ ନୁହେଁ, ଏହା ଆମ ସଂସ୍କୃତି, ପରମ୍ପରା ଓ ଆମ ପରିଚୟର ଏକ ମୂଲ୍ୟବାନ ପ୍ରତୀକ। ପଶ୍ଚିମାଞ୍ଚଳୀୟ ପ୍ରଭାବ ବଢ଼ୁଥିବା ବେଳେ ଆମ ନିଜସ୍ୱ ପରମ୍ପରାଗତ ପୋଷାକକୁ ଅତୁଟ ରଖିବା ଆବଶ୍ୟକ ବୋଲି ଅଧ୍ୟକ୍ଷ କହିଥିଲେ। ଆଡମିଷ୍ଟ୍ରେଟିଭ ଭର୍ଷର ଡ. ପ୍ରସନ୍ନ କୁମାର ବରାଳ, ଆକାଉଣ୍ଟ ଭର୍ଷର ଡ. ହିମାଂଶୁ ଶେଖର ସାହୁ, ପରୀକ୍ଷା ନିୟନ୍ତ୍ରକ ଡ. ରତ୍ନାକର ପରିଡା ଉପସ୍ଥିତ ଥିଲେ। ପୋଷାକ ମାଧ୍ୟମରେ ଜାତିୟ ଏକତା, ସଂସ୍କୃତିର ସୁରକ୍ଷା ଓ ଆତ୍ମପରିଚୟ ଗଠନ ନେଇ ଆଲୋଚନା କରିଥିଲେ। ପାଠଚକ୍ର ସଂଯୋଜକ ପ୍ରିତମ କୁମାର ମହଲା, ଡ. ଚିନ୍ମୟ ମହାନନ୍ଦ ଓ ଡ. ଦେବାଶିଷ ପାହି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପୂଜା ମହାପାତ୍ର ଓ ସୌଦାଗର ସିଅ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ପାରମ୍ପରିକ ପୋଷାକ ପିନ୍ଧି ଯୋଗଦେଇଥିଲେ। ନିଜ ସଂସ୍କୃତି ଓ ପରମ୍ପରାକୁ ଅତୁଟ ରଖିବା ସଂକଳ୍ପ ନେଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

